RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -176 | ସଂଖ୍ୟା-୧୭୬
ଭୁବନେଶ୍ୱର, ବୁଧବାର, ୨୪ ସେପ୍ଟେମ୍ବର ୨୦୨୫
Bhubaneswar, Wednesday, 24 September, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ | ଦୈନିକ ସମ୍ବାଦପତ୍ର



# ମୟୁରଭଞ୍ଜରେ ପ୍ରତିଷ୍ଠା ହେବ ନୂତନ ଆୟୁର୍ବେଦିକ କଲେଜ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୯(ନି.ପ୍ର.): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ଏକ ନୂତନ ଆୟୁର୍ବେଦିକ କଲେଜ ପ୍ରତିଷ୍ଠା ହେବ। ଚଳିତ ବର୍ଷ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ପ୍ରୟାସରେ ଆୟୁର୍ବେଦିକ କଲେଜ ସ୍ଥାପନ କରାଯିବ । ଏଥିପାଇଁ ୮୫ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ରାଜ୍ୟସ୍ତରୀୟ ଜାତୀୟ ଆୟୁର୍ବେଦ ଦିବସ ପାଳନ ଅବସରରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



ଆଜି ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଜାତୀୟ ଆୟୁର୍ବେଦ ଦିବସ ୨୦୨୫ ପାଳନ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କହିଛନ୍ତି, ଆୟୁର୍ବେଦ ହେଉଛି, ସାରା ବିଶ୍ୱକୁ ଭାରତର ଏକ ଅମୂଲ୍ୟ ଅବଦାନ। ଆମ ଉଦ୍ଦେଶ୍ୟ ହେଉଛି ଆୟୁର୍ବେଦକୁ କେବଳ ଏକ ଚିକିତ୍ସା ପ୍ରଣାଳୀ ନୁହେଁ ବରଂ ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ ଆମର ଜ୍ଞାନ ଓ ଦାର୍ଶନିକ ଦୃଷ୍ଟିକୋଣକୁ ଉପସ୍ଥାପିତ କରିବା । ଆୟୁର୍ବେଦ ଏକ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ବିଜ୍ଞାନ। ଆୟୁର୍ବେଦ ଚିକିତ୍ସାକୁ ଆପଣାଇବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଆୟୁର୍ବେଦରେ ଉପଯୁକ୍ତ ଉପଚାର ସହିତ ସନ୍ତୁଳିତ ଆହାର ଓ ଜୀବନ ଶୈଳୀ ଦ୍ୱାରା ଆରୋଗ୍ୟ ଲାଭ କରାଯାଇ ପାରିବ । ଆଧୁନିକ ଚିକିତ୍ସା ପଦ୍ଧତି, ଏହାର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ବ୍ୟୟସାପେକ୍ଷ ଚିକିତ୍ସା ପ୍ରଣାଳୀ ଲୋକଙ୍କୁ ବିକଳ୍ପ ଚିକିତ୍ସା ପଦ୍ଧତି ସଂପର୍କରେ ଚିନ୍ତା କରିବାକୁ ବାଧ୍ୟ କରିଛି। ଆୟୁର୍ବେଦ ଓ ଯୋଗ ଆମକୁ ଏକ ସୁସ୍ଥ ଜୀବନଯାପନ ପାଇଁ ମାର୍ଗଦର୍ଶନ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟରେ ଆୟୁର୍ବେଦ ଶିକ୍ଷା, ଅନୁସନ୍ଧାନ ଓ ଚିକିତ୍ସାକୁ ନେଇ ଉଦ୍ୟମ କରାଯାଇଛି । ଆୟୁଷ ବିଭାଗ ମାଧ୍ୟମରେ ଗ୍ରାମ ଓ ସହରରେ ଆୟୁର୍ବେଦ ଚିକିତ୍ସାକୁ ପହଞ୍ଚାଇବା ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରାଯାଉଛି । ଓଡିଶାରେ ୩ ଟି ସରକାରୀ ଆୟୁର୍ବେଦିକ କଲେଜ, ୪ଟି ସରକାରୀ ହୋମିଓପାଥିକ କଲେଜ, ୫ଟି ସରକାରୀ ଆୟୁର୍ବେଦିକ ଓ ୪ଟି ସରକାରୀ ହୋମିଓପାଥିକ ହସ୍ପିଟାଲ ଅଛି । ବର୍ତ୍ତମାନ ୧ ହଜାର ୧୯୧ ଟି ଆୟୁଷ ଡିସ୍‌ପେନସାରୀ ଚାଲିଛି ଯାହା ମଧ୍ୟରୁ ୬୨୦ ଟି ଆୟୁର୍ବେଦିକ, ୫୬୨ ଟି ହୋମିଓପାଥିକ ଓ ୯ଟି ୟୁନାନି ଡିସ୍ପେନସାରୀ ଅଛି । ଏହି ସମସ୍ତ ଚିକିତ୍ସା କେନ୍ଦ୍ର ଗ୍ରାମ ଓ ଅନ୍ୟ ଅବହେଳିତ ଅଞ୍ଚଳରେ ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛି ।

ସେହିପରି ନେସନାଲ ଆୟୁଷ ମିଶନ ଅଧୀନରେ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ୩ଟି ଇଣ୍ଟିଗ୍ରେଟେଡ୍ ଆୟୁଷ ହସ୍ପିଟାଲ ନିର୍ମାଣ କରାଯାଉଛି । ଆଗାମୀ ଦିନରେ ଏହା ଜରିଆରେ ଅଧିକ ଲୋକଙ୍କୁ ଉଚ୍ଚମାନର ସେବା ଯୋଗାଇ ଦିଆଯିବ । ରାଇରଙ୍ଗପୁର ଠାରେ ୮୫ କୋଟି ଟଙ୍କା ବ୍ୟୟରେ ଏକ ନୂତନ ଆୟୁର୍ବେଦିକ କଲେଜ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆ ଯାଇଛି । ବର୍ତ୍ତମାନ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୂଷ ଅଧିନରେ ଏକ ପଞ୍ଚକର୍ମ ୟୁନିଟ୍ କାର୍ଯ୍ୟରତ ଅଛି । ବରଗଡ଼ ଓ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟଠାରେ ଦୁଇଟି ୟୁନିଟ୍ ନିର୍ମାଣ କରାଯାଉଛି । ଅଧିକ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ପାଇଁ ଚଳିତବର୍ଷ ଆଉ ୮ଟି ନୂତନ ପଞ୍ଚକର୍ମ କେନ୍ଦ୍ର, ବିଭିନ୍ନ ଜିଲ୍ଲା ଆୟୁର୍ବେଦିକ ମୁଖ୍ୟ କାର୍ଯ୍ୟାଳୟରେ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ଆୟୁର୍ବେଦକୁ ବିଶ୍ୱ ମଞ୍ଚରେ ପ୍ରସାରିତ କରିବା ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ବ୍ରହ୍ମପୁର ନୁହେଁ ଝାରସୁଗୁଡା ଆସିବେ ପ୍ରଧାନମନ୍ତ୍ରୀ

ଝାରସୁଗୁଡା, ୨୩।୯(ନି.ପ୍ର.): ଦ୍ୱିତୀୟ ଥର ପାଇଁ ଝାରସୁଗୁଡାକୁ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆସନ୍ତା ୨୭ରେ ଗଞ୍ଜାମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରହିଥିଲା। ହେଲେ ଲଘୁଚାପ ପାଇଁ ବ୍ରହ୍ମପୁରରେ ବର୍ଷା ଆଲର୍ଟ ଥିବାରୁ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ପ୍ରବଳ ବର୍ଷା ସତର୍କତାକୁ ଦୃଷ୍ଟିରେ ରଖି ମୋଦୀଙ୍କ ହେବାକୁ ଥିବା ସାଧାରଣ ସଭା ବ୍ରହ୍ମପୁରରୁ ଝାରସୁଗୁଡ଼ାକୁ ସ୍ଥାନାନ୍ତର କରାଯାଇଛି। ଝାରସୁଗଡାର ଅମଲିପାଲି ଠାରେ କାର୍ଯ୍ୟକ୍ରମ ହେବ ନେଇ ସୂଚନା ରହିଛି।

ଏବେ ଅମଲିପାଲିଠାରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି। କାର୍ଯ୍ୟକ୍ରମସ୍ଥଳୀ ଠାରେ ଉତ୍ତରାଞ୍ଚଳ ଓଏ ହିମାଂଶୁ ଲାଲ, ଉତ୍ତରାଞ୍ଚଳ ଆରଡିସି ଅମଲିପାଲି ପଡିଆ ପରିଦର୍ଶନ କରିଛନ୍ତି। ପିଡବ୍ଲୁଡି ମୁଖ୍ୟଯନ୍ତ୍ରୀ କାର୍ଯ୍ୟକ୍ରମସ୍ଥଳୀ ଠାରେ ଉପସ୍ଥିତ ରହି କାର୍ଯ୍ୟର ତଦାରଖ କରୁଛନ୍ତି। ପୂର୍ତ୍ତ ବିଭାଗର ଅଧିକାରୀ ମାନେ ସେଠାରେ ରହି ଷ୍ଟେଜ କାର୍ଯ୍ୟ ତଦାରଖ କରୁଛନ୍ତି। ୨୦୨୪ ନିର୍ବାଚନ ପରେ ବିଜେପି କ୍ଷମତାକୁ ଆସିବା ପରେ ଏହା ହେଉଛି ଓଡିଶାକୁ ମୋଦୀଙ୍କ ଷଷ୍ଠ ଗସ୍ତ।



ପ୍ରଧାନମନ୍ତ୍ରୀ ମୋଦୀଙ୍କର ବ୍ରହ୍ମପୁରର ରଙ୍ଗେଇଲୁଣ୍ଡାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିଲା। ବର୍ଷାକୁ ଦେଖି ତାଙ୍କର ସାଧାରଣ ସଭା କାର୍ଯ୍ୟକ୍ରମ ପାଇଁ ଝାରସୁଗୁଡ଼ାକୁ ଏକ ବିକଳ୍ପ ସ୍ଥାନ ଭାବରେ ପ୍ରସ୍ତାବ ଦିଆଯାଇଥିଲା।

# ଶ୍ରୀମୟୀ ମିଶ୍ର ବିଜେଡିରୁ ସସ୍‌ପେଣ୍ଡ

ଭୁବନେଶ୍ୱର, ୨୩।୯(ନି.ପ୍ର.): ବିଜେଡିରୁ ଆସିଲା ବଡ଼ ଖବର। ବିଜେଡ଼ିରୁ ବିଦା ହେଲେ ଶ୍ରୀମୟୀ ମିଶ୍ର । ଶ୍ରୀମୟୀ ମିଶ୍ର ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ବିଜେଡ଼ି କାର୍ଯ୍ୟାଳୟ ତରଫରୁ ଏନେଇ ବିଜ୍ଞପ୍ତି ଜାରି ହୋଇଛି । ମହିଳା ବ୍ୟାପାର ସାଧାରଣ ସଂପାଦିକା ଥିଲେ ଶ୍ରୀମୟୀ ସୋସିଆଲ ମିଡିଆରେ ଟିପ୍ପଣୀକୁ ନେଇ ଚର୍ଚ୍ଚାରେ ଥିଲେ। 'ଧୃତରାଷ୍ଟ୍ର' ଓ 'ଭଣ୍ଡ ସନ୍ନ୍ୟାସୀ' ଆଦି ପ୍ରସଙ୍ଗ ଉଠାଇ ପରୋକ୍ଷରେ ବିଜେଡିକୁ ଟାର୍ଗେଟ କରୁଥିବା କୁହାଯାଉଛି। ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି । କେବଳ ଶ୍ରୀମୟୀ ନୁହଁନ୍ତି ମୟୂରଭଞ୍ଜ ଜିଲ୍ଲାର ଆଉ ୨ ସଦସ୍ୟ ବି ବିଜେଡିରୁ ନିଲମ୍ବିତ ହୋଇଛନ୍ତି ।

# ଗଣତି ମଣତି କେବେ ହେବ ରାଜ୍ୟ ସରକାର ସ୍ଥିର କରିବେ : ଶ୍ରୀମନ୍ଦିର ପ୍ରଶାସକ

ପୁରୀ, ୨୩।୯ : : ମହାପ୍ରଭୁଙ୍କ ଅଳଙ୍କାର ରତ୍ନଭଣ୍ଡାରକୁ ସ୍ଥାନାନ୍ତରଣ ପ୍ରକ୍ରିୟା ଶେଷ ହୋଇଛି। ମୋଟ ୬ଟି ଆଲମିରା ଏବଂ ୬ଟି ପ୍ୟାକେଟରେ ସମସ୍ତ ଅଳଙ୍କାରକୁ ବନ୍ଦ ଅବସ୍ଥାରେ ସ୍ଥାନାନ୍ତର କରାଯାଇ ରତ୍ନଭଣ୍ଡାରରେ ରଖାଯାଇଛି।



ଏହା ପରେ ମାଜିଷ୍ଟ୍ରେଟ ତଥା ଜିଲାପାଳଙ୍କ ଉପସ୍ଥିତିରେ ରତ୍ନଭଣ୍ଡାରରେ ତାଲା ପକାଯାଇଛି। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁସାରେ ସ୍ଥାନାନ୍ତର କରାଯାଇଛି । ଏସ୍‌ଓପି ଅନୁସାରେ ମଧ ସବୁ କିଛି ଭିଡିଓଗ୍ରାଫି କରାଯାଇଛି। ତେବେ ରତ୍ନ ଅଳଙ୍କାର ଗଣତି ମଣତି ହୋଇନାହିଁ। ୧୯୭୮ ମସିହାର ତାଲିକା ସହ ମେଳ କରାଯିବ। ଗଣତି ମଣତି କେବେ ହେବ ସେନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

ରତ୍ନ ଅଳଙ୍କାର ସ୍ଥାନାନ୍ତର ସମୟରେ ଶ୍ରୀମନ୍ଦିରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଜଗମୋହନ ଏବଂ ନାଟମଣ୍ଡପ ଶୋଧ କରାଯାଇଥିଲା। ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୦ଟା ୬୬ରେ ରତ୍ନଭଣ୍ଡାର ଚାବି ଖୋଲାଯାଇଥିଲା। ରତ୍ନ ସ୍ଥାନାନ୍ତର କରିବାକୁ ୪ ଘଣ୍ଟା ସମୟ ଲାଗିଥିଲା। ଏହି ସମୟରେ ଏସଓପି ଅନୁସାରେ ଭିଡିଓଗ୍ରାଫି କରାଯାଇଥିଲା ବୋଲି ସୂଚନା ରହିଛି। ସ୍ଥାନାନ୍ତରଣ ପ୍ରକ୍ରିୟା ସମୟରେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଏବଂ ଶ୍ରୀମନ୍ଦିର ପ୍ରଶାସକଙ୍କ ସମେତ ଅନ୍ୟ ଟିମ୍ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଥିଲା। ଦିନ ୧୦ଟାରୁ ବନ୍ଦ ଥିବା ମହାପ୍ରଭୁଙ୍କ ଦର୍ଶନ ପୁଣି ଆରମ୍ଭ ହୋଇଛି।

# ୭ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୩।୯ :ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗି ରହିଥିବାବେଳେ ପଛକୁ ପଛ ୩ ଲଘୁଚାପ ଚିନ୍ତା ବଢ଼ାଇଛି। ଆସନ୍ତା ୭ଦିନ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଦଶହରା ଫିକା ପଡ଼ିବ ବୋଲି କୁହାଯାଉଛି। ଇତିମଧ୍ୟରେ ସୋମବାର ସକାଳୁ ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୫.୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ସକ୍ରିୟ ହେବା ସହ ପ୍ରବଳ ବର୍ଷା କରାଇବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୨୪ ଘଣ୍ଟାରେ ବହୁ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ପୁରୀ ଗୋପରେ ସର୍ବାଧିକ ୮୫ ମିମିବର୍ଷା ରେକର୍ଡ଼କରାଯାଇଛି। ତେବେ ୨୫ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ।

# ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମ୍ମାନ

ନୂଆଦିଲ୍ଲୀ, ୨୩।୯(ନି.ପ୍ର.): ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି । ଶ୍ରେଷ୍ଠ ଅଭିନେତାଭାବେ ଫିଲ୍ମ 'ଯବାନ' ପାଇଁ ଶାହରୁଖ ଖାନ ଏବଂ ଟ୍ୱେଲଭଥ୍ ଫେଲ୍ ରେ ନିଖୁଣ ଅଭିନୟ ପାଇଁ ବିକ୍ରାନ୍ତ ମେସୀ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଛନ୍ତି । ସେହିପରି ରାଣୀ ମୁଖାର୍ଜୀ 'ମିସେସ୍ ଚାଟାର୍ଜୀ ଭର୍ସ ?ସ୍ ନରୱେ'ରେ ଦମଦାର ଅଭିନୟ ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଛନ୍ତି ।

ଓଡ଼ିଶାର ଦୁଇଟି ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଛି । ପୁଷ୍କରାକୁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ପ୍ରଯୋଜନା ସଂସ୍ଥା ପକ୍ଷରୁ ସୁଶ୍ରୀ ଲିଟିସା ମଙ୍ଗତ ପଣ୍ଡା ଏବଂ ନିର୍ଦ୍ଦେଶକ ସୁଭ୍ରାଂଶୁ କୁମାର ଦାସ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି । ସେହିପରି ବିଶେଷ ଉଲ୍ଲେଖ ପାଇଁ 'ଦି ସି ଏଣ୍ଡ ଦ ସେଭେନ୍ ଭିଲେଜେସ୍'କୁ ପୁରସ୍କାର ମିଳିଛି । ଇତିରାଣୀ ସାମନ୍ତ ଏବଂ ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ପୁରସ୍କାର ଗ୍ରହଣ କରିଛନ୍ତି ।





ମଲାୟାଲାମ ଅଭିନେତା ତଥା ପଦ୍ମ ଭୂଷଣ ସମ୍ମାନରେ ସମ୍ମାନୀତ ମୋହନଲାଲ ଅଭିନୟ ଦୁନିଆରେ ଜୀବନ ବ୍ୟାପୀ ସାଧନା ପାଇଁ ସମ୍ମାନ ଜନକ 'ଦାଦା ସାହେବ ଫାଲକେ' ପୁରସ୍କାର ଗ୍ରହଣ କରିଛନ୍ତି । ୬୫ ବର୍ଷୀୟ ମୋହନଲାଲ ଦୀର୍ଘ ୪ ଦଶନ୍ଧି ହେବ ସିନେ ଜଗତ ସହିତ ଜଡ଼ିତ ଅଛନ୍ତି । ୧୯୬୦, ମେ ୨୧ରେ ମୋହନଲାଲ କେରଳର କୋଲାମ ଜିଲ୍ଲା ଏଲାନ୍ଥୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ୧୯୭୮ ମସିହାରେ ଥିରାଲନୋଟ୍ଟମ ଚଳଚ୍ଚିତ୍ର ଜରିଆରେ ସିନେମା ଘରକୁ ପ୍ରବେଶ କରିଥିଲେ । ପ୍ରାୟ ୪୦୦ରୁ ଅଧିକ ସିନେମାରେ ଅଭିନୟ କରିଛନ୍ତି । ମୋହନଲାଲ ମଲାୟାଲମ ବ୍ୟତୀତ ତାମିଲ, ତେଲୁଗୁ, କନ୍ନଡ ଏବଂ ହିନ୍ଦୀ ଭାଷାରେ ମଧ୍ୟ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଛନ୍ତି । ପୂର୍ବରୁ ୫ ଥର ଜାତୀୟ ଚଳଚ୍ଚିତ୍ର ଜିତିଛନ୍ତି ଯେଉଁଥିରେ ଦୁଇ ଥର ଶ୍ରେଷ୍ଠ ଅଭିନେତା ପାଇଁ ୨ ଥର ଜାତୀୟ ପୁରସ୍କାର ପାଇଛନ୍ତି । ସେହିପରି ୯ ଥର କେରଳ ରାଜ୍ୟ ପୁରସ୍କାର ଏବଂ ଅନ୍ତର୍ଜାତୀୟ ପୁରସ୍କାର ମଧ୍ୟ ଗ୍ରହଣ କରିଛନ୍ତି । ୨୦୦୧ରେ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।

# ପରକୀୟା ପ୍ରୀତି ଅପରାଧ ନୁହେଁ : ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୨୩।୯: ପରକୀୟା ପ୍ରୀତି ବା ବ୍ୟଭିଚାର କୌଣସି ଅପରାଧ ନୁହେଁ ବରଂ ଛାଡ଼ପତ୍ର କିମ୍ବା ଅନ୍ୟ ବୈବାହିକ ବିବାଦ ମାମଲାରେ ଏହାକୁ ଆଧାର ବନାଯାଇପାରିବ ବୋଲି ସୋମବାର ଦିଲ୍ଲୀ ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ପୁରୁଷେନ୍ଦ୍ର କୌରବ କହିଥିଲେ, କୌଣସି ସ୍ୱାମୀ କିମ୍ବା ସ୍ତ୍ରୀ ନିଜ ସାଥୀଙ୍କ ପ୍ରେମୀ ବିରୋଧରେ ବି ମାମଲା କରିପାରିବେ ଏବଂ ନିଜ ବିବାହ ଭାଙ୍ଗିବା ପାଇଁ ସେମାନଙ୍କୁ ଦାୟୀ କରିପାରିବେ। ଏ ବାବଦରେ ସମ୍ପୃକ୍ତ ସ୍ୱାମୀ କିମ୍ବା ସ୍ତ୍ରୀ ପ୍ରେମୀଙ୍କଠାରୁ ଆର୍ଥିକ କ୍ଷତିପୂରଣ ବି ଦାବି କରିପାରିବେ। କାରଣ ପରକୀୟାର ପରିଣତି ଭୟଙ୍କର ହୋଇପାରେ। ସେହି ଦୃଷ୍ଟିରୁ ଏହି ତୃତୀୟ ପକ୍ଷ ଠାରୁ କ୍ଷତିପୂରଣ ଦାବି କରିବା ଯଥାର୍ଥ । ପିଟିସିନରେ ଜଣେ ସ୍ତ୍ରୀ ନିଜ ସ୍ୱାମୀଙ୍କ ପ୍ରେମିକାଙ୍କ ବିରୋଧରେ ମାମଲା କରିଥିଲେ । ପ୍ରେମିକା ଜଣକ ସେହି ମହିଳାଙ୍କ ଭାବନାତ୍ମକ କ୍ଷତି ସହ ସାଥୀ ହାନି ଲାଗି ଦାୟୀ ବୋଲି ମହିଳା କହିଥିଲେ । ତେଣୁ ଏ ବାବଦରେ ସ୍ୱାମୀଙ୍କ ପ୍ରେମିକାଙ୍କୁ ମହିଳା ଜଣକ କ୍ଷତିପୂରଣ ମାଗିଥିଲେ। ତେବେ ମହିଳା ଜଣକ ନିଜ ବିବାହ ଭାଙ୍ଗିବା ପଛର କାରଣ ନ ଜାଣିବା ଲାଗି ହାଇକୋର୍ଟ ସମ୍ପୃକ୍ତ ସ୍ୱାମୀ ଏବଂ ତାଙ୍କ ପ୍ରେମିକାଙ୍କୁ ନୋଟିସ୍ ଜାରି କରିଛନ୍ତି । ମାମଲା ଅନୁସାରେ, ମହିଳା ଜଣକ ୨୦୧୨ରେ ବିବାହ କରିଥିଲେ । ୨୦୧୮ରେ ତାଙ୍କର ଯମଜ ସନ୍ତାନ ହୋଇଥିଲେ । କିନ୍ତୁ ୨୦୨୧ରେ ଅନ୍ୟ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବ୍ୟବସାୟରେ ଯୋଡି ହେବା ପରେ ସମସ୍ୟା ଆରମ୍ଭ ହୋଇଥିଲା । ସେହି ମହିଳାଙ୍କ ସହ ତାଙ୍କ ସ୍ୱାମୀଙ୍କ ସମ୍ପର୍କ ବଢିଥିଲା । ପରିବାର ଲୋକଙ୍କ ତାଗିଦ୍ ସତ୍ତ୍ୱେ ବ୍ୟକ୍ତି ଜଣକ ପରକୀୟାପ୍ରୀତିରେ ମାତିଥିଲେ। ଏପରିକି ଖୋଲାଖୋଲି ପ୍ରେମିକଙ୍କ ସହ ବୁଲିଥିଲେ । ତେଣୁ ତାଙ୍କ ସ୍ତ୍ରୀ ଛାଡପତ୍ର ପାଇଁ ଆବେଦନ କରିଥିଲେ ।




# ସର୍ବସମ୍ମୁଖରେ ୩ ଜଣଙ୍କୁ ଗୁଳି ମାରି ମୃତ୍ୟୁଦଣ୍ଡ ଦେଲା ହମାସ

ନୂଆଦିଲ୍ଲୀ, ୨୩।୯ : ଇସ୍ରାଏଲ ସହ ଲଢ଼େଇ କରୁଥିବା ପାଲେଷ୍ଟାଇନରେ ସକ୍ରିୟ ବିଦ୍ରୋହୀ ସଂଗଠନ ହମାସ ସର୍ବସମ୍ମୁଖରେ ୩ ଜଣ ଯୁବକଙ୍କୁ ଗୁଳି ମାରି ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛି। ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ୩ ଜଣ ପାଲେଷ୍ଟାଇନ ନାଗରିକଙ୍କୁ ଏପରି ଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ୩ ଜଣ ହମାସ ଉପରେ ଘନଘନ ଆକ୍ରମଣ କରି ଗାଜାକୁ ଛିନଛତ୍ର କରି ଦେଇଥିବା ଇସ୍ରାଏଲ ପାଇଁ କାମ କରୁଥିବା ଅଭିଯୋଗରେ ଧରାପଡିଥିଲେ।

ଇସ୍ରାଏଲରେ ମୁକାବିଲା ହମାସ କରିପାରୁ ନଥିବା ବେଳେ ଏହି ୩ ଜଣ ବିଶ୍ୱାସ ଘାତକତା କରିଥିବାରୁ ସେମାନଙ୍କୁ ସର୍ବସମ୍ମୁଖରେ ମୃତ୍ୟୁଦଣ୍ଡ ଦିଆଯାଇଛି। ମୃତ୍ୟୁଦଣ୍ଡର ଠିକ ପୂର୍ବର ଭିଡିଓ ଏବେ ସୋଶାଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି। ଏଥିରେ ଦେଖିବାକୁ ମିଳୁଛି ଯେ ଏକାଧିକ ମୁଖାପିନ୍ଧା ହମାସ ବନ୍ଧୁକଧାରୀ ଇସ୍ରାଏଲ ସହଯୋଗୀମାନଙ୍କୁ ଗୋଟିଏ ଜନଗହଳୀ ପୂର୍ଣ୍ଣ ସ୍ଥାନରେ ଚେତାବନୀ ଦେଉଛନ୍ତି। ଏହି ସମୟରେ ଇସ୍ରାଏଲ ପାଇଁ କାମ କରିବା ଅଭିଯୋଗରେ ଧରା ପଡିଥିବା ୩ ଯୁବକ ମଧ୍ୟ ସେଠାରେ ଉପସ୍ଥିତ ରହିଛନ୍ତି। ସେମାନଙ୍କ ଆଖିରେ ପଟି ବନ୍ଧା ଯାଇଥିବା ବେଳେ ସେମାନଙ୍କୁ ତଳେ ଆଣ୍ଠୁ ମାଡି ବସାଯାଇଛି। ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କୁ ସେହି ସ୍ଥାନରେ ଗୁଳି କରି ହତ୍ୟା କରାଯାଇଥିଲା।

# ଜବରଦଖଲକାରୀଙ୍କ କବଜାରେ ରାଜଧାନୀର ୪୯୮ ଏକର ଜମି

ଭୁବନେଶ୍ୱର, ୨୩।୯(ନି.ପ୍ର.): ରାଜଧାନୀ ଭୁବନେଶ୍ୱର ଛାତି ଉପରେ ଏକର ଏକର ସରକାରୀ ଜମି ଜବରଦଖଲକାରୀଙ୍କ କବଜାରେ ରହିଛି । ବର୍ତ୍ତମାନ ସୁଦ୍ଧା ୪୯୮ ଏକର ଜମି ଜବରଦଖଲ ହୋଇ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ଲିଖିତ ଉତ୍ତର ରଖିଛନ୍ତି ।

ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଭୁବନେଶ୍ୱରରେ କେଉଁ ମୌଜାରେ ଅଞ୍ଚଳରେ କେତେ ସରକାରୀ ଜମି ଅଛି ସେ ନେଇ ପ୍ରଶ୍ନ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଖିତ ଆକାରରେ ଉତ୍ତର ରଖିଛନ୍ତି । ଗୃହରେ ପ୍ରଦାନ କରାଯାଇଥିବା ସୂଚନା ଅନୁସାରେ, ଭୁବନେଶ୍ୱରରେ ବର୍ତ୍ତମାନ ସୁଦ୍ଧା ୪୯୮ ଏକର ୮୮ ଡିସିମିଲ୍ ସରକାରୀ ଜମି ଜବରଦଖଲ ହୋଇ ରହିଛି । ପ୍ରଦାନ କରାଯାଇଥିବା ତାଲିକା ମଧ୍ୟରୁ ଜୟଦେବ ବିହାରରେ ସର୍ବାଧିକ ୧୪୮.୮୭୦ ଏକର ଜମି ଜବରଦଖଲ ହୋଇ ରହିଛି । ଉକ୍ତ ଜମି ଗୁଡ଼ିକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରିବାକୁ ସରକାର ଓପିପି ଆଇନ ଅନୁଯାୟୀ ମାମଲା ରୁଜୁ କରୁଛନ୍ତି । ମାମଲାର ଫଇସଲା ହେବା ପରେ ସେଣ୍ଟ୍ରାଲ ଏନଫୋର୍ସମେଣ୍ଟ ମନିଟରିଂ କମିଟି ମାଧ୍ୟମରେ ଜବରଦଖଲ ଉଚ୍ଛେଦ କରାଯିବ । ଏହା ସହିତ ଉକ୍ତ ଜମି ଉପରେ ପ୍ରାଚୀର ନିର୍ମାଣ କରି ନିର୍ଦ୍ଧାରିତ ନାମଫଳକ ଲଗାଯାଇ ସରକାରୀ ଜମିକୁ ସୁରକ୍ଷା ପ୍ରଦନ କରାଯିବ ।

# ଦିୱାଲି ଗିଫ୍ଟ ଉପରେ ବ୍ୟାନ୍ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୨୩।୯ : ଦୀପାବଳିର ଆଗମନ ସମୟରେ ଉପହାର ବିନିମୟ ଏବଂ ଖର୍ଚ୍ଚର ମଜା ନେବାରେ ସମସ୍ତେ ବ୍ୟସ୍ତ। କିନ୍ତୁ ଏହି ସମୟରେ କେନ୍ଦ୍ରୀୟ ସରକାର ଏକ କଠୋର ନିଷ୍ପତ୍ତି ନେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ସମସ୍ତ ମନ୍ତ୍ରଣାଳୟ, ବିଭାଗ ଏବଂ ସାର୍ବଜନିକ କ୍ଷେତ୍ରର ଉପକ୍ରମଗୁଡ଼ିକୁ ଦୀପାବଳି ସମୟରେ ଉପହାର ଉପରେ କୌଣସି ଖର୍ଚ୍ଚ କରିବାରୁ ନିଷେଧ କରିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ ପର୍ବମାନଙ୍କରେ ମଧ୍ୟ ଏଭଳି ଖର୍ଚ୍ଚ କରାଯାଇପାରିବ ନାହିଁ।ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ସେପ୍ଟେମ୍ବର ୧୯, ୨୦୨୫ରେ ଏକ ଅଫିସ ମେମୋରାଣ୍ଡମ (ଓଏମ) ଜାରି କରିଥିଲେ। ଏଥିରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି ଯେ, ସରକାରୀ ଅଧିକାରୀ ଏବଂ କର୍ମଚାରୀମାନେ କୌଣସି ପର୍ବ ଅବସରରେ ଉପହାର କିମ୍ବା ଅନ୍ୟ ଜିନିଷ ଉପରେ ସରକାରୀ ଟଙ୍କାରୁ ଖର୍ଚ୍ଚ କରିପାରିବେ ନାହିଁ। ଏହାର ଉଦ୍ଦେଶ୍ୟ ଅଣଅତ୍ୟାବଶ୍ୟକୀୟ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ଏବଂ ଆର୍ଥିକ ସନ୍ତୁଳନ ବଜାୟ ରଖିବା।

ଏହି ସର୍କୁଲାରରେ ସ୍ପଷ୍ଟ କରାଯାଇଛି ଯେ କୌଣସି ମନ୍ତ୍ରଣାଳୟ କିମ୍ବା ବିଭାଗ ଦୀପାବଳି କିମ୍ବା ଅନ୍ୟାନ୍ୟ ପର୍ବପର୍ବାଣୀ ପାଇଁ ଉପହାର କ୍ରୟ କିମ୍ବା ବଣ୍ଟନ କରିବାରୁ ନିଷେଧ କରାଯିବ। ଏହି ଆଦେଶ ସଚିବ (ବ୍ୟୟ)ଙ୍କ ଦ୍ୱାରା ଅନୁମୋଦନ ଏବଂ ଯୁଗ୍ମ ସଚିବଙ୍କ ଦ୍ୱାରା ସାଇନ୍ ହୋଇଛି ଏବଂ ଏହାକୁ ତୁରନ୍ତ ପ୍ରଭାବରୁ କାର୍ଯ୍ୟକାରୀ କରାଯାଇଛି।

# ଭାରତ ପାଇଁ ଖୁସିଖବର: ପାକିସ୍ତାନ-ଆମେରିକା ସ୍ତବ୍ଧ

କାଲିଫର୍ନିଆ, ୨୩।୯ : ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କ ମୁଖପାତ୍ର ଷ୍ଟିଫେନ ଡୁଜାରିକ ଭାରତକୁ ପ୍ରଶଂସା କରିଛନ୍ତି। ଏହି ପ୍ରଶଂସା କେବଳ ପାକିସ୍ତାନ, ଚାଇନା ଏବଂ ତୁର୍କୀ ନୁହେଁ, ବରଂ ଆମେରିକାକୁ ମଧ୍ୟ ସ୍ତବ୍ଧ କରିଦେବ। ସେ ଜାତିସଂଘରେ ଭାରତର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ଡୋନାଲ୍ଡ ଟ୍ରମ୍ପ ଭାରତ ପ୍ରତି ଏକ ଭିନ୍ନ ମନୋଭାବ ଗ୍ରହଣ କରିଛନ୍ତି। ପ୍ରଥମେ, ସେ ଆମେରିକାରେ ବେଆଇନ ଭାବରେ ରହୁଥିବା ଶହ ଶହ ଭାରତୀୟଙ୍କୁ ହାତକଡ଼ି ଏବଂ ଶିକୁଳିରେ ନିର୍ବାସିତ କରିଥିଲେ, ତା'ପରେ ଭାରତକୁ ରୁଷିଆରୁ ତେଲ କିଣିବା ବନ୍ଦ କରିବାକୁ ଚାପ ପକାଇଥିଲେ। ଭାରତୀୟ ସାମଗ୍ରୀ ଉପରେ ଭାରୀ ଶୁଳ୍କ ଲଗାଇଥିଲେ, ପାକିସ୍ତାନ ସହିତ ସମ୍ପର୍କ ବୃଦ୍ଧି କରିଥିଲେ ଏବଂ ଏବେ କଠୋର H1B ଭିଜା ନିୟମ ଘୋଷଣା କରିଛନ୍ତି। ଷ୍ଟିଫେନ ଡୁଜାରିକ କହିଛନ୍ତି, ଭାରତ ଜାତିସଂଘର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଆଣ୍ଟୋନିଓ ଗୁଟେରେସଙ୍କର ଭାରତ ସରକାରଙ୍କ ସହିତ ବହୁତ ଭଲ ସମ୍ପର୍କ ଅଛି। ସେ ଜାତିସଂଘରେ ଭାରତର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି, ଜାତିସଂଘର ମହାସଚିବ ୨୦୨୫ର ବିଶ୍ୱକୁ ଭଲ ଭାବରେ ପ୍ରତିଫଳିତ କରିବା ପାଇଁ ସୁରକ୍ଷା ପରିଷଦରେ ପରିବର୍ତ୍ତନକୁ ସମର୍ଥନ କରନ୍ତି। ଟ୍ରମ୍ପ ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ସହିତ ସାକ୍ଷାତ କରିବାର କାର୍ଯ୍ୟକ୍ରମ ପୂର୍ବରୁ ଜାତିସଂଘର ମୁଖପାତ୍ର ଏହି ବିବୃତ୍ତି ଦେଇଛନ୍ତି। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି ।ଜାତିସଂଘ ସାଧାରଣ ପରିଷଦ ବୈଠକ ଅବସରରେ ଷ୍ଟିଫେନ ଜାତିସଂଘରେ ଭାରତର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଏହାର ପ୍ରଭାବଶାଳୀତା ଏବଂ ପ୍ରତିନିଧିତ୍ୱ ବୃଦ୍ଧି କରିବା ପାଇଁ ସାଂଗଠନିକ ପରିବର୍ତ୍ତନ ପାଇଁ ଆହ୍ୱାନ କରିଥିଲେ।

ବୁଧବାର ୨୪ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
WEDNESDAY 24 SEPTEMBER, 2025, BHUBANESWAR



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଜଙ୍ଗଲ କ୍ଷୟ

ମଣିଷ ସମାଜର କଲ୍ୟାଣ ତଥା ପରିବେଶ ସୁରକ୍ଷା ପାଇଁ ‘ଗଛ ଲଗାଅ’, “ଜଙ୍ଗଲ ବଢାଅ, “ପିଲାଟିଏ, ଗଛଟିଏ, ମା’ ପାଇଁ ଗଛଟିଏ ଏବଂ ଜଙ୍ଗଲ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ଲୋଗାନ ହେଉଥିବାବେଳେ ‘ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)କୁ କେନ୍ଦ୍ର ସରକାର ପ୍ରଦାନ କରିଥିବା ରିପୋର୍ଟରେ ଦେଶରେ ଜଙ୍ଗଲ ଜମିର ଦୟନୀୟ ଚିତ୍ରକୁ ପ୍ରଦର୍ଶିତ କରିଛି । ଏନଜିଟିକୁ ପ୍ରଦାନ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ୧୩,୦୦୦ବର୍ଗ କିଲୋମିଟରରୁ ଅଧିକ ଜଙ୍ଗଲ ଜମି ଏବେ ଜବରଦଖଲରେ ରହିଛି । ଯାହାକି ଦିଲ୍ଲୀ, ସିକିମ୍ ଓ ଗୋଆ ଆଦି ରାଜ୍ୟର ମୋଟ ପରିସୀମା ବା ଆୟତନ ଠାରୁ ଅଧିକ । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜଙ୍ଗଲ ଜମି ଜବରଦଖଲ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଅବକ୍ଷୟ ମଧ୍ୟ ବଢିଚାଲିଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, କେବଳ ମଧ୍ୟପ୍ରଦେଶରେ ୫୬୪୦.୯ବର୍ଗ କି.ମି. ଜଙ୍ଗଲଜମି ଜବରଦଖଲରେ ରହିଥିବାବେଳେ ଏହା ପଛକୁ ରହିଛି ଆସାମ, ସେହିପରି କର୍ଣ୍ଣାଟକ, ମହାରାଷ୍ଟ୍ର, ଅରୁଣାଚଳ ପ୍ରଦେଶ, ଉତରପ୍ରଦେଶ ଏବଂ ଝାଡଖଣ୍ଡ ଜଙ୍ଗଲ ଜମି ମଧ୍ୟ କମ ନୁହେଁ, ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସମେତ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଏବେ ବି ଜଙ୍ଗଲ ଜମି ଅବରୋଧ ନେଇ ରିପୋର୍ଟ ପ୍ରଦାନ କରିନଥିବା କୁହାଯାଏ । ଦ୍ରୁତ ଶିଳ୍ପାୟନ, ସଡକ ପଥର ବିକାଶ, ନୂତନ ବସତି ପ୍ରତିଷ୍ଠା, ରେଳପଥ ଜଙ୍ଗଲ ପୋଡି ଏବଂ ଆଖିବୁଜା ବୃକ୍ଷ କାଟ ଯୋଗୁଁ କେବଳ ଜଙ୍ଗଲ କ୍ଷୟ ହେଉ ନାହିଁ, ଜଙ୍ଗଲ ଜମିର ଅବକ୍ଷୟ ବଢିଚାଲିଛି । ଉଦାହରଣ ସ୍ୱରୂପ ଗ୍ରେଟ ନିକୋବର ଦ୍ୱୀପରେ କେନ୍ଦ୍ର ସରକାରଙ୍କର ୮୦ହଜାର କୋଟି ଟଙ୍କାର ନୂତନ ପ୍ରକଳ୍ପ ଯୋଗୁଁ ବିଷୁବ ମଣ୍ଡଳରେ ୧୩୦ବର୍ଗ କି.ମି. ଜଙ୍ଗଲ ଜମି ପରିବର୍ତନ ପାଇଁ ପ୍ରସ୍ତାବ ଦିଆଯାଇଛି । ତେଲେଙ୍ଗାନା ବର୍ତମାନ ସୁଦ୍ଧା ଜଙ୍ଗଲ ଜମି ଜବରଦଖଲର ରିପୋର୍ଟ ଦେଇନଥିବା ବେଳେ ନିକଟରେ ଜଙ୍ଗଲ ଜମିରେ ଏକ ବୃହତ ପ୍ରକଳ୍ପ ନିର୍ମାଣ ପାଇଁ କ୍ଲିଅରାନ୍ସ ଦେଇଛି । କେବଳ ତେଲେଙ୍ଗାନା ନୁହେଁ, ଦେଶର ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଦ୍ରୁତ ଶିଳ୍ପାୟନ ତଥା ମେଗା ପ୍ରୋଜେକ୍ଟ, ରେଳପଥ, ସଡକ ପଥ ନିର୍ମାଣ ପ୍ରସ୍ତାବ ରହିଛି । ଯାହା ବିକାଶର ବାର୍ତାବହ । ପରିବେଶ ବା ଜଙ୍ଗଲ ଜମି କ୍ଷୟର ଦୁହାଇ ଦେଇ ଜଙ୍ଗଲ ଜମିରେ ନିର୍ମାଣକୁ ରୋକାଯିବା ସମ୍ଭବ ନୁହେଁ । ସେହିପରି ନୂଆ ବସତି ସ୍ଥାପନ ଏବେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ଭାବେ ଉଭା ହୋଇଛି । ନିଜର ଭୋଟ ବ୍ୟାଙ୍କ ପାଇଁ କୌଣସି ସରକାର ବା ରାଜନୈତିକ ଦଳ ଜଙ୍ଗଲ କ୍ଷୟ ରୋକିବାକୁ ଆଗ୍ରହୀ ନଥିବା କୁହାଯାଇପାରେ । ଏହା ନିସନ୍ଦେହ ଯେ, ଦେଶରେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ହେଉଛି, ଜଙ୍ଗଲ ପୋଡି ବା ଜଙ୍ଗଲ ଅଗ୍ନିକାଣ୍ଡ । ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଜଙ୍ଗଲରେ ଅଗ୍ନିକାଣ୍ଡ ଏକ ନିୟମିତ ଘଟଣାରେ ପରିଣତ ହୋଇଛି । ଜଙ୍ଗଲ ଜମି ଜବରଦଖଲ, ଜଙ୍ଗଲ ଜମିରେ ଚାଷ, କାଠ ସଂଗ୍ରହ ପାଇଁ ଜଙ୍ଗଲ ପୋଡି ଘଟୁଛି । ଚଳିତ ବର୍ଷ ଖରାଦିନ ଆରମ୍ଭରେ ଆମ ରାଜ୍ୟରେ ୭୦୦ରୁ ଉର୍ଦ୍ଧ୍ୱ ଜଙ୍ଗଲରେ ନିଆଁ ଲାଗିଥିବାବେଳେ ଦୁଇବର୍ଷ ପୂର୍ବେ ଏସିଆ ମହାଦେଶର ସର୍ବବୃହତ ଅଭୟାରଣ୍ୟରେ ଅଗ୍ନିକାଣ୍ଡ କେବଳ ଆମ ରାଜ୍ୟରେ ନୁହେଁ, ସମଗ୍ର ଦେଶ ପାଇଁ ଉଦ୍‌ବେଗର କାରଣ ଥିଲା । ଗ୍ଲୋବାଲ ଫରେଷ୍ଟ ୱାଚ ମନିଟରିଂ ପ୍ରୋଜେକ୍ଟ ପକ୍ଷରୁ ଅନୁଷ୍ଠିତ ସର୍ବେକ୍ଷଣ ଅନୁସାରେ ୨୦୦୧ରୁ ୨୦୨୨ ମଧ୍ୟରେ ନିଆଁଲାଗି ଓଡିଶାର ସର୍ବାଧିକ ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ବାର୍ଷିକ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ନଷ୍ଟ ହେବା ସହ ଜଙ୍ଗଲ ଜମିର ଅବକ୍ଷୟ ଘଟିଥିବା କୁହାଯାଇଛି । ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶରେ ୨୦୦୦ରୁ ୨୦୨୩ ମଧ୍ୟରେ ପ୍ରାୟ ୨୩.୩ ଲକ୍ଷ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଛି, ଯାହାକି ସମଗ୍ର ବିଶ୍ୱରେ ନଷ୍ଟ ଜଙ୍ଗଲର ୬ପ୍ରତିଶତ ଉପଗ୍ରହ ଓ ଅନ୍ୟ ଉତ୍ସ ସହାୟତାରେ ଜଙ୍ଗଲ ପରିବର୍ତନ ଉପରେ ନଜର ରଖିଥିବା ଗ୍ଲୋବାଲ ଫରେଷ୍ଟ ୱାଚ୍ ସୂଚନା ଅନୁଯାୟୀ ୨୦୦୨ରୁ ୨୦୨୩ ମଧ୍ୟରେ ଭାରତରେ ୪,୧୪,୦୦୦ହଜାର ଆର୍ଦ୍ର ଜଙ୍ଗଲ (୪.୧ ପ୍ରତିଶତ) ନଷ୍ଟ ହୋଇଥିବାବେଳେ ଏହି ଅବଧି ମଧ୍ୟରେ ବିଶ୍ୱବ୍ୟାପୀ ନଷ୍ଟ ହୋଇଥିବା ଜଙ୍ଗଲର ଏହାର ୧୮ପ୍ରତିଶତ । ଏହା ନିସନ୍ଦେହ ଯେ, ଏବେ ଯେଉଁ ହାରରେ ଦେଶରେ ଜଙ୍ଗଲ ଜମି ଜବରଦଖଲ ଓ ନଷ୍ଟ ହେଉଛି, ତାହା ବର୍ତମାନଠାରୁ ରୋକା ନଗଲେ, ଭବିଷ୍ୟତରେ କେବଳ ମାନବ ସମାଜ ନୁହେଁ, ସମଗ୍ର ସୃଷ୍ଟି ପାଇଁ ବିନାଶର କାରଣ ହେବ ।

# ଡାଇରେକ୍ଟ ଆକ୍ସନ ଡେ, ନୋଆଖାଲୀ ନରସଂହାରର ଲୁଚାଯାଇଥିବା ସତ ଓ ବେଙ୍ଗଲ ଫାଇଲ୍ସ

**ଡ. ସମନ୍ୱୟ ନନ୍ଦ**

କୁହାଯାଏ ଯେ ଇତିହାସକୁ ଯଦି ଆମେ ନ ଜାଣିବା ତେବେ ଇତିହାସ ପୁଣି ଥରେ ଦୋହରାଇଥାଏ । ହେଲେ ଯଦି ଇତିହାସକୁ ଷଡଯନ୍ତ୍ରପୂର୍ବକ ଯୋଜନାବଦ୍ଧ ଭାବେ ଲୁଚାଇ ଦିଆଯାଏ ବା ଇତିହାସର ସତ୍ୟତାକୁ ଢାଙ୍କି ଦିଆଯାଏ ତେବେ କଣ ଇତିହାସର ବାସ୍ତବିକତାକୁ କେବେ ଆମେ ଜାଣି ପାରିବା ? ଦୁର୍ଭାଗ୍ୟର ବିଷୟ ଯେ ଭାରତରେ ସ୍ୱାଧୀନତା ପର ଠାରୁ ଏହା ହିଁ ହୋଇ ଆସିଛି । ଦେଶ ବିଭାଜନ ଓ ହିନ୍ଦୁ ମାନଙ୍କ ପ୍ରତି ହୋଇଥିବା ବର୍ବରତାର କାହାଣୀକୁ ଜାଣିଶୁଣି ଗଙ୍ଗା- ଯମୁନୀ ତହଜିବ ନାମରେ ସୁନିୟୋଜିତ ଭାବେ ଲୁଚା ଯାଇଛି । ଯାହା ଫଳରେ ଅଧିକାଂଶ ଭାରତୀୟଙ୍କୁ ବିଶେଷ ଭାବେ ନୂତନ ପୀଢିର ପିଲା ମାନେ ବର୍ବରତାର କାହାଣୀ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ । ହଜାର ହଜାର ବର୍ଷର ସଭ୍ୟତାକୁ ନିଜ କୋଳରେ ଖେଳାଇଥିବା ଭାରତ ମାତାର ବିଭାଜନ ପଛର ଖଳନାୟକ ଓ ପ୍ରତୀକାତ୍ମକ ଭାବେ କୋଲକାତା ଓ ନୋଆଖାଲିରେ ହିନ୍ଦୁ ମାନଙ୍କର ନରସଂହାରର ବର୍ବର ଓ ଲୋମହର୍ଷଣକାରୀ କାହାଣୀକୁ ଅତ୍ୟନ୍ତ ପ୍ରଭାବଶାଳୀ ଢଙ୍ଗରେ ବେଙ୍ଗଲ ଫାଇଲ୍ସରେ ଦର୍ଶାଇଛନ୍ତି । ଏହି ଫିଲ୍ମ କେବଳ ଯେ ଇତିହାସ ଉପରୁ ପରଦା ଉଠାଉ ନାହିଁ ବରଂ ୧୯୩୦-୪୦ ଦଶକରେ ଯେଭଳି ଭାବେ ଭାରତ ବିଭାଜନ ପାଇଁ ପ୍ରସ୍ତୁତି କରାଯାଇ ସ୍ଥିତି ଉତ୍ପନ୍ନ କରାଯାଇଥିଲା ଆଜି ମଧ୍ୟ ସେହି ସମାନ ସ୍ଥିତି ଉତ୍ପନ୍ନ କରାଯାଉଛି ତାକୁ ମଧ୍ୟ ଦର୍ଶାଇଛନ୍ତି । ଏହି ଫିଲ୍ମ ଲୁଚାଯାଇଥିବା ଇତିହାସକୁ ଲୋକଙ୍କୁ ଜଣାଇବା ସହ ଭବିଷ୍ୟତ ପାଇଁ ମଧ୍ୟ ଚେତାବନୀ ପ୍ରଦାନ କରୁଛି । ସେତେବେଳେ କିଭଳି ଦେଶର ନେତା ବୋଲାଉଥିବା କିଛି ଲୋକ ଦିଲ୍ଲୀରେ ବସି ସାରା ଦେଶର ଲୋକ ମାନଙ୍କର ଭାଗ୍ୟ ନିର୍ଧାରଣ କରି ଦେଲେ ଓ ଏହି କାରଣରୁ କିଭଳି ଲକ୍ଷ ଲକ୍ଷ ଲୋକଙ୍କ ବର୍ବରତାର ସହ ହତ୍ୟା ହେଲା ତାହାକୁ ସ୍ପଷ୍ଟ କରୁଛି ।

ତତ୍କାଳୀନ ବଙ୍ଗର ମୁଖ୍ୟମନ୍ତ୍ରୀ ସୁହରାବର୍ଦୀ, ମୋହମ୍ମଦ ଅଲି ଜିନ୍ନାଙ୍କର ଡାଇରେକ୍ଟ ଆକ୍ସନ ଡେ ଆହ୍ୱାନ ପରେ ଦୁଇ ଦିନ ପାଇଁ କୋଲକାତା ସହରରୁ ମୁସଲିମ ଲିଗର ଗୁଣ୍ଡା ମାନଙ୍କ ହାତରେ ଛାଡି ଦେବାର ସମସ୍ତ ବ୍ୟବସ୍ଥା କରିଥିଲା । ଅଗଷ୍ଟ ୧୬ ତାରିଖ ଦିନ କଲିକତାରେ ଯାହା ହେଲା ତାହା ଅବର୍ଣ୍ଣନୀୟ । ଏହା କଲିକତା ଜନସଂହାର ନାମରେ ଖ୍ୟାତ । ଏହି ଜଘନ୍ୟ

# ତିଆନଜିନ୍‌ର ସନ୍ଦେଶ (୨)

**III ସୌମେନ୍ଦ୍ର ଜେନା III**

ଗୋଟିଏ ପଟେ ଆମେରିକା ସାରାବିଶ୍ୱକୁ ସଙ୍କଟରେ ପକାଇ ନିଜର ଆଧିପତ୍ୟ ଜାହିର କରିବାଲାଗି ପ୍ରୟାସ କରୁଥିବା ସମୟରେ ଭାରତ ଆମେରିକା ସାମ୍ନାରେ ପ୍ରାଚୀରପରି ଛିଡା ହୋଇଛି । ପ୍ରତିଦିନ ଆମେରିକାର ପ୍ରବକ୍ତାମାନଙ୍କର ମିଛତର୍କ,ପାଗଳାମୀପୂର୍ଣ୍ଣ ମୂର୍ଖ ବାଚାଳତା ଗଣମାଧ୍ୟମରେ ପ୍ରକାଶ ପାଉଥିବା ସମୟରେ ଭାରତ ସାଂଘାଇ ସହଯୋଗ ସଂଗଠନ ଏବଂ ବ୍ରିକ୍ସ ମଧ୍ୟରେ ସନ୍ତୁଳନ ରକ୍ଷାକରି କାର୍ଯ୍ୟକରି ଚାଲିଛି ବୋଲି ତାୟିହେ ଇନଷ୍ଟିଚ୍ୟୁଟର ବରିଷ୍ଠ ଫେଲୋ ଐନାର ତାନ୍‌ଗେନ କହିଛନ୍ତି । ଭାରତ-ଚୀନ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହଯୋଗ ଓ ସଂପର୍କ, ଆଞ୍ଚଳିକ ଏବଂ ବୈଶ୍ୱିକ ଶାନ୍ତି ତଥା ସମୃଦ୍ଧି ଉପରେ ସକାରାତ୍ମକ ପ୍ରଭାବ ପକାଇବ । ଏହି ସଂପର୍କ ବହୁପକ୍ଷୀୟ ଏସିଆ ଓ ବିଶ୍ୱ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଜାପାନ ଗଣମାଧ୍ୟମକୁ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ଚୀନର ବିଦେଶମନ୍ତ୍ରୀ ୱାଙ୍ଗ ୟିଙ୍କ ଭାରତଗସ୍ତର ଦୁଇସପ୍ତାହ ପରେ ହୋଇଛି । ୟି ତାଙ୍କ ଗସ୍ତକାଳରେ ଭାରତର ବିଦେଶମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ଆଲୋଚନା କରିବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଧ୍ୟ ଭେଟିଥିଲେ । ମୋଦିଙ୍କ ଏହି ଚୀନଗସ୍ତ ୬ଷ୍ଠଥର ପାଇଁ ଥିଲାବେଳେ ଭାରତର ବିଦେଶ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ ସୀମାରେ ଶାନ୍ତି ଓ ସ୍ଥିରତା ଦ୍ୱିପାକ୍ଷିକ ସଂପର୍କ ପାଇଁ ବୀମା ଯୋଜନା ସଦୃଶ । ୨୦୧୪ପରଠାରୁ ଦୁଇନେତାଙ୍କ ମଧ୍ୟରେ ଏହି ସାକ୍ଷାତ ୨୧ଶ ଥିଲା । ଯେ ପର୍ଯ୍ୟନ୍ତ ଦୁଇରାଷ୍ଟ୍ର ସହଯୋଗୀ ଭାବେ ମୂଳନୀତି ଅନୁଯାୟୀ ପ୍ରତିଶ୍ରୁତିବଦ୍ଧ ରହିବେ, ବିରୋଧୀ ହେବେ ନାହିଁ, ଆଶଙ୍କା ସୃଷ୍ଟି ନକରି ବିକାଶ ସୁଯୋଗ ଯୋଗାଇ ଚାଲିଥିବେ, ସେ ପର୍ଯ୍ୟନ୍ତ ଭାରତ-ଚୀନ ସଂପର୍କ ଆଗକୁ କ୍ଷୀପ୍ର ଗତିରେ ବଢିଚାଲିବ ବୋଲି ଶ୍ରୀ ମିଶ୍ରି ଆଶା ପ୍ରକାଶ କରିଛନ୍ତି ।

ତିଆନ୍‌ଜିନ ବୈଠକ ସମୟରେ ମୋଦି-ପୁଟିନ- ଜିନପିଙ୍ଗଙ୍କ ପରସ୍ପର ସହ ସାକ୍ଷାତ ସମୟର ଫଟୋ ବିଶ୍ୱଗଣମାଧ୍ୟମରେ ଚର୍ଚ୍ଚିତ ହୋଇଥିବା ବେଳେ ଶାହବାଜ ସରିଫ ଧାଡିରେ ଠିଆହୋଇଥିବା ସମୟରେ ପୁଟିନଙ୍କ ସହ ମୋଦି ଆଲୋଚନା କରି ଆଗକୁ ଯିବାବେଳେ ଶାହବାଜଙ୍କୁ ଗୁରୁତ୍ୱ ନଦେବା ଘଟଣା ପାକିସ୍ଥାନରେ ଚର୍ଚ୍ଚାର କେନ୍ଦ୍ର ହୋଇଛି । ଏପରିକି ମୋଦିଙ୍କ ପାଇଁ ରେଡ୍‌କାର୍ପେଟର ସ୍ୱାଗତ ବ୍ୟବସ୍ଥା ଥିବାବେଳେ ଶାହବାଜଙ୍କ ପାଇଁ କେହି ଜଣେ ଚୀନାମନ୍ତ୍ରୀ ନରହିବା ପାକିସ୍ଥାନ ପାଇଁ କଷ୍ଟକର ହୋଇଛି । ପାକ୍‌ର ଗଣମାଧ୍ୟମଗୁଡିକ ଏହା ପାକ୍‌ର ବେଇଜ୍ଜିତ ବୋଲି କହି ଶାହବାଜଙ୍କୁ ସମାଲୋଚନା କରିଛନ୍ତି । ମୋଦି ୩୧ ଅଗଷ୍ଟରେ ତିଆନଜିନ୍‌ଠାରେ ପହଞ୍ଚିବାପରେ ତାଙ୍କ ପାଇଁ ହଙ୍ଗକ୍ୱି -୫ କାର ଯୋଗାଇ ଦିଆଯାଇଥିଲା । ଯାହାର ଅର୍ଥ ମାଣ୍ଡାରିନ ଭାଷାରେ ‘ନାଲପତାକା’ ଏବଂ ଏହି ଗାଡିରେ ଚୀନ ରାଷ୍ଟ୍ରପତି ଯାଇଥାନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏହି ମଡେଲର ଏକ କାର ଜିନପିଙ୍ଗ ଉପହାର ଦେଇଛନ୍ତି । ୧୯୫୮ରେ ଫାଷ୍ଟ ଅଟୋମେଟିଭ ୱାର୍କ ପକ୍ଷରୁ ଚୀନର ପ୍ରମୁଖ ନେତୃମଣ୍ଡଳୀ ପାଇଁ ଏହି କାର୍‌କୁ ନିର୍ମାଣ କରାଯାଇଥିଲା । ୮ଲକ୍ଷ ଡଲାର ମୂଲ୍ୟର ଏହିକାରକୁ ଚୀନର ସବୁଠୁ ଅଧିକ ମୂଲ୍ୟଯୁକ୍ତ କାର୍ ଭାବେ ଗଣାଯାଇଥାଏ । ୧୯୮୦ବେଳକୁ ଏହି କାର ବିଦେଶୀକାରଗୁଡିକ ତୁଳନାରେ ଦୁର୍ବଳ ହୋଇଥିଲେ ହେଁ ଜିନ୍‌ପିଙ୍ଗ ପୁନର୍ବାର ତା’ର ନିର୍ମାଣ ପାଇଁ ଜୋର ଦେଇଥିଲେ । ଆମେରିକାର କାର୍ଡିଲାକ ବିଷ୍ଟ ପରି ଏହି କାରକୁ ପ୍ରଶାସନର ସମ୍ମାନ ଭାବେ ଗଣାଯାଇଥାଏ । ଦଳର ନେତାମାନେ ବିଦେଶୀଗାଡି ନ ଚଢିବାକୁ ଉପଦେଶ ଦେଇ ଜିନପିଙ୍ଗ ୨୦୧୨ଠାରୁ ଏହି ଗାଡିକୁ ଦେଶ ବିଦେଶ ଗସ୍ତରେ ଯିବାବେଳେ ବ୍ୟବହାର କରୁଛନ୍ତି । ୨୦୧୯ରେ ଭାରତକୁ ଗସ୍ତ କରିବା ସମୟରେ ମଧ୍ୟ ଜିନପିଙ୍ଗ ଏହି କାର ଚଢିଥିଲେ ।

ଚୀନ ସହ ଭାରତର ସଂପର୍କ ବୃଦ୍ଧିରେ ଦକ୍ଷିଣ ବିଶ୍ୱ ଅଧିକ ଲାଭବାନ ହେବ । ଇଲେକଟ୍ରିଯାନ କ୍ଷେତ୍ରରେ ଭାରତରେ ଚୀନର ନିବେଶ ବୃଦ୍ଧିପାଇବ ଓ ଦ୍ରୁତ ବିକାଶ ଘଟିବ । ଗତ ୫୦ବର୍ଷ ହେବ ଭାରତ-ଚୀନ ସଂପର୍କରେ ଆମେରିକା ପ୍ରତିବନ୍ଧକ ସାଜିଛି । ମୁକ୍ତ ଅର୍ଥନୀତି ଆଳରେ ସବୁ ଆମେରିକା କାରଖାନାକୁ ଚୀନକୁ ପଠାଇ ଉତ୍ପାଦନ କରିବାକୁ ସୁଯୋଗ ଦେଇ ଭାରତରେ ଶିଳ୍ପର ବିକାଶ, ରାଜନୈତିକ ସ୍ଥିରତା, ଆର୍ଥିକ ବିକାଶକୁ ଦୁର୍ବଳ କରିବାକୁ ପାକିସ୍ଥାନ ଓ ଚୀନ ଦ୍ୱାରା ସୀମା ପାର ସନ୍ତ୍ରାସ ଏବଂ ଛାୟାଯୁଦ୍ଧକୁ ପ୍ରୋତ୍ସାହନ ଦେଇଆସିଛି । ରୁଷିଆ ସହ ଭାରତର ମୂଳରୁ ରହି ଆସିଥିବା ବନ୍ଧୁତା ଆମେରିକା ପାଇଁ ଗାତ୍ରଦାହର କାରଣ ହୋଇଆସିଛି ।

ରୁଷିଆର ରାଷ୍ଟ୍ରପତି ପୁଟିନ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଭାରତର “ସନାତନୀ ହିନ୍ଦୁମାନେ ହନୁମାନ ସଦୃଶ” ବୋଲି ଉଲ୍ଲେଖକରି ପ୍ରଶଂସା କରିଛନ୍ତି । ରୁଷିଆ ସହ ଭାରତର ବନ୍ଧୁତା ଅନେକ ସଙ୍କଟ ସମୟରେ ଯେପରି ଅତୁଟ ରହିଛି ଏବେ ମଧ୍ୟ ଅତୁଟ ରହିବ ବୋଲି ମୋଦି ଆମେରିକା ଉଦ୍ଦେଶ୍ୟରେ ପ୍ରକାଶ କରିଛନ୍ତି । ଦୃଢତାର ସହ ବନ୍ଧୁତାକୁ ସୁରକ୍ଷିତ ରଖିବା ପାଇଁ ଭାରତ ଯେପରି ଆମେରିକା ସାମ୍ନାରେ ଛିଡା ହୋଇଛି ତାହା କେବଳ ପୁଟିନଙ୍କୁ ନୁହେଁ, ରୁଷିଆର ଗଣମାଧ୍ୟମ ଏବଂ ଜନସାଧାରଣଙ୍କୁ ମଧ୍ୟ ଚକିତ କରିଛି । ରୁଷିଆର ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ଭାରତର ନେତୃତ୍ୱ ଏବଂ ଜନସାଧାରଣଙ୍କର ଖୁବ୍ ପ୍ରଶଂସା କରାଯାଉଛି । ଭାରତର ସାହସକୁ ସମସ୍ତେ ସ୍ୱୀକାର କରିଛନ୍ତି । ୧୫କୋଟି ରୁଷୀୟଙ୍କ ପାଇଁ ୧୪୦କୋଟି ଭାରତୀୟଙ୍କ ଶ୍ରଦ୍ଧା ବହୁମୂଲ୍ୟ ରଖେ ବୋଲି କୁହାଯାଉଛି । ଯୁଦ୍ଧବିଧ୍ୱସ୍ତ ରୁଷିଆର ପୁନଃନିର୍ମାଣ କାର୍ଯ୍ୟ ଭାରତୀୟଙ୍କ ଦ୍ୱାରା ଆଗାମୀ ଦିନରେ କରିବାକୁ ପୁଟିନଙ୍କ ଯୋଜନା ରହିଛି । ୧୦ଲକ୍ଷ ଭାରତୀୟଙ୍କୁ ସେହି ପ୍ରକଳ୍ପରେ ନିଯୁକ୍ତି ଦେବାକୁ ସେ ପୂର୍ବରୁ କହିଛନ୍ତି । ଏହାବାଦ ଉତ୍ତର ମେରୁ ନିକଟବର୍ତୀ ଅଞ୍ଚଳରେ ଅବସ୍ଥିତ ତୈଳ ପ୍ରକଳ୍ପରେ ଭାରତକୁ ମୁଖ୍ୟ ସହଯୋଗୀ କରିବାକୁ ତାଙ୍କର ଆଗ୍ରହ ରହିଛି । ପୂର୍ବରୁ ସାଖାଲିନ -୧ରେ ଭାରତର ଓଏନ୍‌ଜିସି ୨୦ ପ୍ରତିଶତ ଅଂଶଧାରୀ ରହିଛି । ଏହା ଛଡା ଓଡୋପ୍ଟୁ, ଅକ୍ଟୁନ-ଦାଗି ଏବଂ ଚୟୋଠାରେ ଯେଉଁ ତୈଳକୂପ ରହିଛି ସେଥିରେ ଭାରତକୁ ସାମିଲ କରିବାକୁ ରୁଷିଆ ଚାହୁଁଥିଲା ବେଳେ ଟ୍ରମ୍ପଙ୍କ ବିରୋଧ ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଟ୍ରମ୍ପ ପୁଟିନଙ୍କ ଆଲାସ୍କାର ଆଲୋଚନାରେ ଆମେରିକାର ଏକ୍ସନ ମୋବିଲକୁ ଅନ୍ୟ ପ୍ରକଳ୍ପରେ ପ୍ରବେଶ କରାଇବା, ରୁଷିଆରୁ ଆଇସ୍‌ବ୍ରେକର କିଣିବା ଏବଂ ସାଖାଲିନ୍ -୧ରେ ଅଧିକ ପୁଞ୍ଜିନିବେଶ କରିବାକୁ ଟ୍ରମ୍ପ ଇଚ୍ଛା ପ୍ରକାଶ କରିଥିଲେ । ଏକ୍ସନ ହାତରେ ୩୦ପ୍ରତିଶତ ଅଂଶ ପୂର୍ବରୁ ଥିଲା । ୨୦୨୨ରେ ୟୁକ୍ରେନ ଯୁଦ୍ଧପରେ ଏକ୍ସନ ଉକ୍ତ ପ୍ରକଳ୍ପକୁ ଛାଡି ଚାଲିଯିବା ପରେ ପ୍ରାୟ ୧ବର୍ଷ କାଳ ତୈଳ ଉତ୍ପାଦନ ସେଠାରେ ସଂପୂର୍ଣ୍ଣ ବନ୍ଦ ରହିଥିଲା । ୨୦୨୩ରେ ରୁଷିଆର ତୈଳ କମ୍ପାନୀ ଦ୍ୱାରା ତାହା ଚାଲୁ କରାଯିବା ପରେ ଏକ୍ସନ ହାତରେ ଥିବା ୩୦ ପ୍ରତିଶତ ଅଂଶକୁ ରୁଷିଆ ବିକ୍ରି କରିବାକୁ ଚାହିଁଲା । ଓଏନ୍‌ଜିସି ସେହି ଅଂଶକୁ କିଣିବାକୁ ଆଲୋଚନା କରିବା ପରେ ଟ୍ରମ୍ପଙ୍କ ମୁଣ୍ଡରେ ଚଡକ ପଡିଲା । ଏହାଛଡା ଆର୍କଟିକ୍ ଏନ୍‌ଏଲଜି -୨ ପ୍ରକଳ୍ପର ଗ୍ୟାସକୁ ଏଲ୍‌ଏନଜି ଆଇସ ବ୍ରେକର ଯୋଗେ ଉତ୍ତର ସାମୁଦ୍ରିକ ମାର୍ଗରେ ମୁରାମନସ୍କର କାମଚଟକାକୁ ଯାଉଛି । ତାହା ମୁଖ୍ୟତଃ ଚୀନ ଓ ଜାପାନକୁ ଯୋଗାଣ ପାଇଁ ହୋଇଛି । ସେହିସବୁ ପ୍ରକଳ୍ପରୁ ଭାରତକୁ ସଂପୂର୍ଣ୍ଣ ବିଦା କରିବା ଯୋଜନାରେ ଆମେରିକା କାର୍ଯ୍ୟକରୁଛି । ୟୁକ୍ରେନ ଯୁଦ୍ଧପରେ ରୁଷିଆର ତୈଳ ଓ ଗ୍ୟାସ ପ୍ରକଳ୍ପରେ ଅଧିକ ପୁଞ୍ଜି ଲଗାଇ ଭାରତ ଓ ଚୀନକୁ ସେଥିରୁ ହଟାଇବା ପାଇଁ ଲକ୍ଷ୍ୟ ରଖିଛି ଆମେରିକା । ନିଜ ଦେଶର କମ୍ପାନୀମାନଙ୍କୁ ରୁଷିଆର ପ୍ରକଳ୍ପରୁ ଅଧିକ ଲାଭ ଉଠାଇବାକୁ ଟ୍ରମ୍ପ ସୁଯୋଗ ସୃଷ୍ଟି କରିବାକୁ ଚାହୁଁଛନ୍ତି । ସେଥିପାଇଁ ବାହାନାକରି ଭାରତ ବିରୋଧୀ ଶୁଳ୍କ ବୃଦ୍ଧି କଟକଣା ଜାରି କରିଛନ୍ତି । ଟ୍ରମ୍ପଙ୍କ ମୂଳଲକ୍ଷ୍ୟ ହେଲା ଭାରତର କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତିକୁ ବ୍ରେକ୍ ଦେବା । ଆମେରିକା ରୁଷିଆରୁ ଏବେ ୟୁରାନିୟମ କ୍ରୟ କରୁଥିଲାବେଳେ ୟୁରୋପ ଓ ୟୁକ୍ରେନ ଭାରତରୁ ତୈଳ ଓ ଡିଜେଲ କ୍ରୟ କରୁଛନ୍ତି । ହେଲେ ଭାରତ ବିରୋଧରେ କଟକଣା ଆଣି ଭାରତକୁ ରୁଷିଆଠାରୁ ଅଲଗା କରି ଟ୍ରମ୍ପ ରୁଷିଆର ଶକ୍ତି ବଜାରରେ ଆମେରିକାର ଅଂଶିଦାରୀ ବଢାଇବାକୁ ଚାହୁଁଛନ୍ତି । ଟ୍ରମ୍ପଙ୍କ ଅଲସଚାଲ୍‌କୁ ମୋଦି ଓ ପୁଟିନ ଧରିପକାଇ ଦେଇଛନ୍ତି । ଭାରତର ବିଦେଶମନ୍ତ୍ରୀ ଜୟଶଙ୍କର କଟାକ୍ଷ ତୀର ମାଧ୍ୟମରେ ଆମେରିକାକୁ କ୍ଷତବିକ୍ଷତ କରିବାକୁ ପଛାଇନାହାନ୍ତି । ଆମେରିକାର ଅବିବେକୀ ପୂର୍ଣ୍ଣ ନୀତିକୁ ବିରୋଧ କରିବାକୁ ତିଆନ୍‌ଜିନ୍‌ରେ ସମ୍ମିଳିତ ନେତୃବୃନ୍ଦ ଏକମତ ହୋଇଛନ୍ତି, ଯାହା ଆଗାମୀ ଦିନରେ ଦେଖିବାକୁ ମିଳିବ । ତେବେ ଭାରତ ଓ ଭାରତୀୟଙ୍କ ବିରୋଧରେ ଆମେରିକାର ଗୁପ୍ତଚର ବାହିନୀର ଷଡଯନ୍ତ୍ର ବିଶ୍ୱବ୍ୟାପି ଏବଂ ଭାରତ ଭିତରେ ହେବ, ଯାହାର ସୂଚନା ମିଳିଲାଣି । ବଙ୍ଗଳାଦେଶ ସୀମା ନିକଟରେ ଆମେରିକାର ଜଣେ ପୂର୍ବତନ ସେନାଅଧିକାରୀଙ୍କ ମୃତ୍ୟୁ ମିଜୋରାମରେ ଦୁଇଜଣ ଆମେରିକା ନାଗରିକଙ୍କ ସନ୍ଦେହପୂର୍ଣ୍ଣ କାର୍ଯ୍ୟକଳାପରୁ ଏହା ସ୍ପଷ୍ଟ ହୋଇଛି । ନିକଟରେ ଅଷ୍ଟ୍ରେଲିଆରେ ପ୍ରବାସୀ ଭାରତୀୟଙ୍କ ବିରୋଧରେ ବିକ୍ଷୋଭ ହେବା ତାର ପ୍ରମାଣ । ସାରାବିଶ୍ୱରେ ଭାରତ ବିରୋଧୀ ବାତାବରଣ ସୃଷ୍ଟିପାଇଁ ଆମେରିକା ଚାହିଁବା ସହ ବଙ୍ଗଳାଦେଶରେ ମଧ୍ୟ ଆରବ ପରି ଷଡଯନ୍ତ୍ର ହେବ ବୋଲି ପୁଟିନ ସତର୍କ କରାଇ ଦେଇଛନ୍ତି । କାରଣ ଇଣ୍ଡୋନେସିଆରେ ଛୋଟିଆ ଘଟଣାକୁ କେନ୍ଦ୍ରକରି ବ୍ୟାପକ ଜଳାପୋଡା ଏବଂ ହିଂସାକାଣ୍ଡ ଜାରିରହିଛି । ଆରବକ୍ରାନ୍ତି ଆଳରେ ଶତ ଦଶନ୍ଧିର ଆରମ୍ଭରେ ଯେପରି ଅନେକ ଦେଶରେ କ୍ଷମତାର ପରିବର୍ତ୍ତନ କରି ଆମେରିକା ସମର୍ଥିତ ଗୋଷ୍ଠୀ ସମାନ ଢଙ୍ଗରେ ଅରାଜକତା ସୃଷ୍ଟି କରିଥିଲେ । ବଙ୍ଗଳାଦେଶରେ ମଧ୍ୟ ନିର୍ବାଚିତ ସରକାରଙ୍କୁ ସେହି ସମାନଢଙ୍ଗର ହିଂସାକାଣ୍ଡ ଦ୍ୱାରା ହଟିବାକୁ ବାଧ କରାଗଲା । ଭାରତରେ ମୋଦି ସରକାରକୁ ହଟାଇବାକୁ ଆମେରିକା ଦେଶରେ ଭୋଟଚୋରୀ, ଇଭିଏମ୍‌କୁ ସନ୍ଦେହ,ସମ୍ବିଧାନକୁ ହତ୍ୟାପରି ମିଛ ପ୍ରଚାରକୁ ବିରୋଧୀଦଳଙ୍କ ମାଧ୍ୟମରେ ଗତ ଦିନମାନଙ୍କରେ ଚାଲୁରଖିଥିବା ଦେଖିବାକୁ ମିଳିଛି । ଏସବୁ ବିଦେଶୀ ଟୁଲକିଟ୍ । ତେଣୁ ଦୃଢଭାବେ ଏକାଠି ରହି ଆମେରିକାର ଦାଦାଗିରିକୁ ସାମ୍ନା କରିବାକୁ ହେବ ଏବଂ ଦକ୍ଷିଣବିଶ୍ୱର ରାଷ୍ଟ୍ରଗୁଡିକ ଏଥିପାଇଁ ସକ୍ରିୟ ଭାବେ କାର୍ଯ୍ୟକରିବା ହେଉଛି ତିଆନ୍‌ଜିନ୍‌ର ବିଶ୍ୱକୁ ସନ୍ଦେଶ ।

ଭାରତୀୟ ସାହିତ୍ୟ କେନ୍ଦ୍ର (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ସମୟର ପ୍ରବାହରେ ଶବର ଦେବତା ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ

**III ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ III**

ଅନନ୍ତ ଚେତନାର ଆଧାର, ଅମିତ ଭାବର ଭଣ୍ଡାର, ଜଗତର ସମଷ୍ଟିଭୂତ ଚେତନାର ବିଗ୍ରହ ତଥା ଅଦ୍ୱୈତ ଦ୍ୱୈତ, ଶୁଦ୍ଧଦ୍ୱୈତ ଓ ବିଶିଷ୍ଟା ଦ୍ୱୈତ ମତବାଦର ଏକାଧାର, ଯୁଗ ଯୁଗାନ୍ତର ଚେତନାର ରହସ୍ୟମୟ ଆଧାର ତଥା ପ୍ରକାଶକ ଭାବେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ନିଜସ୍ୱ ମହିମାରେ ବିରାଜିତ ମର୍ତ୍ତ୍ୟବୈକୁଣ୍ଠ ଉତ୍କଳର ଶ୍ରୀକ୍ଷେତ୍ର ପୁରୀ ଧାମରେ । ବିଶ୍ୱର ସକଳ ଦେବାଦେବୀଙ୍କୁ ମୂର୍ତ୍ତି ଶିଳା ଓ ଧାତୁ ସଦୃଶ ଦୀର୍ଘସ୍ଥାୟୀ ପଦାର୍ଥରେ ନିର୍ମିତ ହୋଇଥିଲେ ହେଁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଦାରୁ ନିର୍ମିତ ଶିଳା, ଦାରୁ, ଲୁହା, ଭିତ୍ତିଚିତ୍ର, ପଟଚିତ୍ର, ବାଲି, ମନ ଓ ହୀରାଲୀଳା ପ୍ରଭୃତି ମଣିରେ ପ୍ରତିମା ଗଠନ ନିମିତ୍ତ ଶାସ୍ତ୍ରୀୟ ନିର୍ଦ୍ଦେଶ ଥିଲାବେଳେ ପ୍ରଭୁ ଜଗନ୍ନାଥ କାହିଁକି ଦାରୁରେ ନିର୍ମିତ ହେଲେ, ତାହା ଅଦ୍ୟାବଧି ଦୁର୍ବୋଧ । ମହୋଦଧିର ବେଳାଭୂମି ସନ୍ନିକଟରେ ଫର ଫର ବାନା ଉଡ଼ାଇ ଶୋଭାପାଉଛି ଆକାଶଚୁମ୍ବୀ ଉତ୍ତୁଙ୍ଗ ମନ୍ଦିର । ଶ୍ରୀମନ୍ଦିରର ରତ୍ନସିଂହାସନରେ ଚତୁର୍ଭୁଜ ମହାବିଷ୍ଣୁ ମୂର୍ତ୍ତି ପରିବର୍ତ୍ତେ ଶୋଭା ପାଉଛନ୍ତି ଦାରୁବ୍ରହ୍ମ ଚତୁର୍ଦ୍ଧାମୂର୍ତ୍ତି ।

ଦାରୁବ୍ରହ୍ମଙ୍କର ବ୍ରହ୍ମ ପରିବର୍ତ୍ତନ ଏକ ମାନବାୟିତ ବିଧି ବ୍ୟବସ୍ଥା । ପ୍ରତ୍ୟେକ ଜୀବ ମଧ୍ୟରେ ଅବିନାଶୀ ଆତ୍ମା ବିଦ୍ୟମାନ । ଶରୀରର ଅବକ୍ଷୟ ଘଟିଲେ ମଧ୍ୟ ଆମା ନଷ୍ଟ ହୁଏ ନାହିଁ । ଆତ୍ମା ଅବିନାଶୀ । ମନୁଷ୍ୟର ପରିଚୟ ତାର ସ୍ଥୂଳ ଶରୀର ନୁହେଁ । ତା’ ଶରୀରର ଅଭ୍ୟନ୍ତରରେ ଥିବା ଆତ୍ମା ହିଁ ତା’ର ଉପଯୁକ୍ତ ପରିଚୟ । ଶରୀରର କ୍ଷୟ ପ୍ରାପ୍ତି ଏକ ବାସ୍ତବତା କିନ୍ତୁ ଆତ୍ମା ଶାଶ୍ୱତ । ବିଶ୍ୱବାସୀଙ୍କୁ ଏହି ଚିରନ୍ତନ ସତ୍ୟର ଅବଗାହନ କରାଇବାର ଅଭିପ୍ରାୟ ନେଇ ଶ୍ରୀଜଗନ୍ନାଥ ଆପଣାର ଦାରୁ ଶରୀରକୁ ବଦଳାଇ ନୂତନ ଦାରୁ ଶରୀର ଗ୍ରହଣ କରିଛନ୍ତି । ଶରୀର ଯୌବନର ଦୀପ୍ତି ପରେ କାଳକ୍ରମେ ଜରା ଦ୍ୱାରା ନଷ୍ଟ ହୋଇଥାଏ । ତାହାକୁ ମୃତ୍ୟୁର ସମ୍ମୁଖୀନ ହେବାକୁ ପଡ଼େ । ବ୍ରହ୍ମ ଅବିନାଶୀ କିନ୍ତୁ ଶରୀର ହେଉଛି ଜଡ଼ । ଦାରୁବ୍ରହ୍ମ ଜଗନ୍ନାଥ ଘଟ ପରିବର୍ତ୍ତନ ମାଧ୍ୟମରେ ମାନବ ଜାତିକୁ ଏକ ଦିବ୍ୟ ସନ୍ଦେଶ ପ୍ରଦାନ କରିଥାନ୍ତି । ଦାରୁ ନିର୍ମିତ ବିଗ୍ରହ ପୂଜା କଲେ ଆୟୁ, ଶ୍ରୀ, ବଳ ଓ ବିଜୟ ପ୍ରାପ୍ତି ହୁଏ ବୋଲି ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣିତ । ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଦାରୁମୂର୍ତ୍ତି ନିର୍ମାଣ କରିଥିଲେ । ସେ ସ୍ୱପ୍ନରେ କ୍ଷୀରସାଗର ମଧ୍ୟସ୍ଥ ଶ୍ୱେତଦୀପ ମଧ୍ୟରେ ସୁଦୃଢ଼ କଳ୍ପଦ୍ରୁମାଳୀ ଶଙ୍ଖଚିତ୍ର ବିଶିଷ୍ଟ ତଥା ସର୍ବାଳଙ୍କାର ଭୂଷିତ ଦୀପ୍ତିମନ୍ତ ବିଷ୍ଣୁ ବିଗ୍ରହ ଦର୍ଶନ କରିଥିଲେ ଏବଂ ମହୋଦଧିରେ ଭାସମାନ ଅବସ୍ଥାରେ ଦାରୁବ୍ରହ୍ମଙ୍କ ପ୍ରତ୍ୟକ୍ଷ ଦର୍ଶନ କରିଥିଲେ । ସେହି ବ୍ରହ୍ମଙ୍କର ଦାରୁ ସଂଲଗ୍ନ ଲୀଳା ଏକ ଜଡ଼ ଚେତନାର ସମନ୍ୱୟ । ଦାରୁବ୍ରହ୍ମଙ୍କ ରଥଯାତ୍ରା ତାଙ୍କର ଜଡ଼ଚେତନାର ଏକ ସମନ୍ୱୟ ମାତ୍ର ।

ଭାରତବର୍ଷରେ ବିଶେଷତଃ ଓଡ଼ିଶାର ଆଦିବାସୀ ମାନଙ୍କ ମଧ୍ୟରୁ ଶବରମାନେ ସର୍ବପ୍ରଥମେ ବୃକ୍ଷପୂଜା ଆରମ୍ଭ କରିଥିଲେ । ବୃକ୍ଷ ପୂଜା ଦ୍ୱାରା ଭଲ ଧାନ ଓ ଅନ୍ୟାନ୍ୟ ଶସ୍ୟ ହେବା ଚଳଣି ମୁଣ୍ଡାଜାତିର ଆଦିବାସୀ ମାନଙ୍କ ପାଖରେ ଦେଖାଯାଏ । ଗଛର କାଠରେ ସେମାନେ ଅସ୍ତ୍ରଶସ୍ତ୍ର ଠାରୁ ଆରମ୍ଭ କରି ଯାବତୀୟ ଗୃହୋପକରଣ ନିର୍ମାଣ କରୁଥିଲେ । ଦାରୁ ଦେହରୁ ସେମାନେ ବଳକଳ, ଫଳ, ପୁଷ୍ପ ଓ ପତ୍ର ସଂଗ୍ରହ କରି ସେଗୁଡ଼ିକୁ ଯଥାକ୍ରମେ ବସ୍ତ୍ର, ଖାଦ୍ୟ ଓ ପାନୀୟର ଆଧାର ଏବଂ ଔଷଧ ରୂପରେ ବ୍ୟବହାର କରୁଥିଲେ । ଏଣୁ ବୃକ୍ଷକୁ ସେମାନେ ସର୍ବଶ୍ରେଷ୍ଠ ମଙ୍ଗଳପ୍ରଦ ଦେବତା ଜ୍ଞାନରେ ପୁରୁଷାନୁକ୍ରମେ ପୂଜା କରୁଥିଲେ । କିନ୍ତୁ ପ୍ରବଳ ଝଡ଼, ବାତ୍ୟା କିମ୍ବା ବର୍ଷା ସମୟରେ ଶବରମାନେ ବୃକ୍ଷ ବା ଦାରୁ ପୂଜାରୁ ବଞ୍ଚିତ ହେଉଥିଲେ । ଏହି କାରଣରୁ ନିତ୍ୟ ପୂଜା ଉପାସନାର କାମନା ରଖି ପଥର ଗୁମ୍ଫାରେ ବିଶାଳ ବୃକ୍ଷର ଗଣ୍ଡିକୁ ମସୃଣ କରି ରଖି ଜୀବନର ସର୍ବମଙ୍ଗଳପ୍ରଦ ଜଗତର ନାଥ ଦାରୁଦେବତାଙ୍କୁ ଶବରମାନେ ପୂଜା କରିବା ଆରମ୍ଭ କଲେ । କାଳକ୍ରମେ ଏହା ଏକ ମହାନ ଶାବର ସଂସ୍କୃତିରେ ପରିଣତି ହୋଇପାରିଲା ।

ପୁରାଣ ବର୍ଣ୍ଣିତ ବିଶ୍ୱାବସୁ ଶବରେ ଦାରୁପୂଜା ବିଷୟ ପ୍ରଚଳିତ କିମ୍ବଦନ୍ତୀ ସହିତ ଆମେ ସମସ୍ତେ ପରିଚିତ । ବିଶ୍ୱାବସୁଙ୍କ କନ୍ୟା ଲଳିତାକୁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ରାଜଗୁରୁ ବିଦ୍ୟାପତି ବିବାହ କରିଥିବା କଥା କେବଳ ଜନଶ୍ରୁତି କାହିଁକି ବହୁ ପୁରାଣ ରଚିତ ଉପାଖ୍ୟାନରୁ ମଧ୍ୟ ଜଣାଯାଏ । ଓଡ଼ିଆ ଜାତିର ଇଷ୍ଟ ଓ ଜଗତରନାଥ ଜଗନ୍ନାଥ ନୀଳମାଧବ ରୂପରେ ଶବର ମାନଙ୍କ ଦ୍ୱାରା ବହୁ ଆଦର ଓ ଶ୍ରଦ୍ଧାର ଭାବରସରେ ପୂଜା ପାଉଥିଲେ - ଏଥିରେ କୌଣସି ସନ୍ଦେହ ନାହିଁ । ଏବେ ବି ଶବରମାନେ ପୂଜା କରୁଥିବା ‘କିତୁଙ୍ଗ’ ନାମିତ ମହାପ୍ରଭୁ ହେଉଛନ୍ତି ଶ୍ରୀଜଗନ୍ନାଥ । କାଷ୍ଠର ତିଆରି ଠାକୁରଙ୍କ ଏହି ମୂର୍ତ୍ତି ନାଲି, ଧଳା ଓ ହଳଦିଆ ରଙ୍ଗରେ ଚିତ୍ରିତ ହୋଇଥାନ୍ତି । କୋରାପୁଟ ଓ ଗଞ୍ଜାମ ଅଞ୍ଚଳର ଶବର ଅଧ୍ୟୁଷିତ ଗ୍ରାମାଞ୍ଚଳରେ ଏହି ବିଗ୍ରହ ପୂଜା ପାଉଥିବା ଦେଖାଯାଏ ।

ସେହିପରି ଜଣାଯାଏଯେ ବୁଢ଼ାଦେଓ, ଲିଙ୍ଗ ଓ ଜଙ୍ଘ ନାମକ ତିନୋଟି ଦେବତାଙ୍କୁ ଗଣ୍ଡମାନେ ଜାତୀୟ ଦେବତା ରୂପେ ପୂଜା କରନ୍ତି । ଏ ବୁଢ଼ାଦେଓ ସେମାନଙ୍କ ପୂର୍ବପୁରୁଷ, ଲିଙ୍ଗ ଦେବତା ହିନ୍ଦୁ ମାନଙ୍କର ଶିବଲିଙ୍ଗ ଭଳି ଏବଂ ଜଙ୍ଘ ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ସ୍ୱରୂପ । ଗଣ୍ଡ ସମାଜରେ ଜଙ୍ଘ ଦେବତା ସମ୍ପର୍କରେ ଏକ କିମ୍ବଦନ୍ତୀ ଶୁଣାଯାଏ । ସେମାନେ କହନ୍ତି ଯେ ବିଦ୍ୟାନାଥ ବା ବିଦ୍ୟାପତି ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ସେମାନଙ୍କ ନିକଟରୁ ବଳତକାରରେ ନୀଳାଚଳକୁ ନେଇ ମନ୍ଦିର ପ୍ରତିଷ୍ଠା କରି ଠାକୁର ରୂପେ ପୂଜା କଲେ । ସେ ବିଗ୍ରହକୁ ଆଗରୁ ପୂଜା କରୁଥିବା ବିଶ୍ୱାବସୁ ତାଙ୍କୁ ଅନୁସରଣ କରି ପୁରୀରେ ପହଞ୍ଚିଲେ । କିନ୍ତୁ ମନଦୁଃଖରେ ମନ୍ଦିର ଦ୍ୱାରରେ ମୂର୍ଚ୍ଛା ଯାଇ ଜୀବନ ହରାଇଲେ । ସେମାନଙ୍କୁ ଆଶ୍ୱସନା ଦେଇ ଶ୍ରୀଜଗନ୍ନାଥ କହିଲେ - ମୋ ବିଗ୍ରହ ଉପରିଭାଗ ପୁରୀରେ ପୂଜା ପାଇବ ଏବଂ ନିମ୍ନ ଭାଗ ଜଙ୍ଘରୁ ପାଦ ପର୍ଯ୍ୟନ୍ତ ତୁମେ ପୂଜା କରିବ । ଏହା ପରେ ପାଇବ ଏବଂ ନିମ୍ନ ଭାଗ ଜଙ୍ଘରୁ ପାଦ ପର୍ଯ୍ୟନ୍ତ ତୁମେ ପୂଜା କରିବ । ଏହାପରେ ଗଣ୍ଡମାନେ ଜଙ୍ଘ ଦେବତାଙ୍କୁ ସେମାନଙ୍କ ଇଷ୍ଟଦେବ ରୂପେ ପୂଜା କରି ଆସୁଛନ୍ତି ।

ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ ନୀଳଗିରିର ପଶ୍ଚିମ ଦିଗରେ ଶବର ଦୀପକ ନାମରେ ଏକ ଆଶ୍ରମ ଥିଲା ଓ ଉକ୍ତ ଶବରଗ୍ରାମରୁ ନୀଳଗିରିକୁ ଏକ ରାସ୍ତା ଥିଲା । ଇନ୍ଦ୍ରଦ୍ୟୁମ୍ନ ନୀଳାଚଳକୁ ଆସି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଇବା ପୂର୍ବରୁ ନୀଳମାଧବ ନୀଳଗିରିରେ ଶବର ମାନଙ୍କ ଦ୍ୱାରା ପୂଜିତ ହେଉଥିଲେ । ମହାକବି ସାରଳା ଦାସ ରଚିତ ‘ହରିବଂଶ’ ପର୍ବରେ ଜରାଶବର ଉପାଖ୍ୟାନ ଅତି ସୁନ୍ଦର ଓ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ସାରଳା ଦାସ ଏହି ଉପାଖ୍ୟାନ ବର୍ଣ୍ଣନା କରିବା ପରେ ଯେଉଁ ତିନି ପ୍ରକାର ରାନ୍ଧଣା ପଦ୍ଧତିର ବର୍ଣ୍ଣନା କରିଛନ୍ତି, ତନ୍ମଧ୍ୟରୁ ‘ଶଉରୀ’ ରାନ୍ଧଣାର ମୂଳ ହେଉଛି ଏହି ଶବର ମାନଙ୍କର ରାନ୍ଧଣା ବିଧି । ଶ୍ରୀଜଗନ୍ନାଥ ମନ୍ଦିରରେ ଆଜି ପର୍ଯ୍ୟନ୍ତ ଏହି ପ୍ରାଚୀନ ରାନ୍ଧଣା ପଦ୍ଧତି ପ୍ରଚଳିତ ଓ ସେଥିରେ ଥିବା ‘ପୋଡ଼ପିଠା’ ଭୋଗର ଚଳଣି ଆଜି ପର୍ଯ୍ୟନ୍ତ ଦେଖାଯାଏ । ରଥଯାତ୍ରା ସମ୍ବନ୍ଧରେ ଶବରମାନଙ୍କର ପ୍ରାଚୀନ ସାଂସ୍କୃତିକ ପ୍ରଥ ଅଦ୍ୟାବିଧି ଓଡ଼ିଶାର ପୁରପଲ୍ଲୀରେ ପ୍ରଭାବ ବିସ୍ତାର କରି ଆସୁଛି । ବସନ୍ତ ଋତୁର ଆଗମନ ହେଲେ ଶବରମାନେ ଏକ କ୍ଷୁଦ୍ର ରଥ ତିଆରି କରି ସେଥିରେ ନାନା ବିଧି ପୂଜା ଉପକରଣ ରଖି ପଲ୍ଲୀ ଉପକଣ୍ଠର ପ୍ରତିଷ୍ଠିତ ସେମାନଙ୍କ ଆରାଧ୍ୟ ଦେବତାଙ୍କ ନିକଟକୁ ପୂଜା ଉଦ୍ଦେଶ୍ୟରେ ନେଇ ଥାଆନ୍ତି । ତେଣୁ ଅନୁମାନ କରାଯାଏ ଯେ ଦାରୁବ୍ରହ୍ମ ରଥଯାତ୍ରାର ସୃଷ୍ଟି ଶବର ସଂସ୍କୃତିର ଏକ ଅବଦାନ ।

ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ଆରାଧ୍ୟ ଦେବତା ତିନି ଠାକୁରଙ୍କ ପ୍ରତିମା କାହିଁକି କାଷ୍ଠ ବା ଦାରୁରେ ନିର୍ମିତ ସେ ସମ୍ପର୍କରେ ଅନେକଙ୍କ ଭିତରେ ଉତ୍ସୁକତା ବା ଅନେକ ପ୍ରଶ୍ନ ଉଠିଥାଏ । ସାଧାରଣତଃ ଦେବାଦେବୀଙ୍କ ମୂର୍ତ୍ତିଗୁଡ଼ିକ ମାଟି ତିଆରି ବା ମୃଣ୍ମୟ, ପାଷାଣ, ଶିଳା ବା ପଥର ମୂର୍ତ୍ତି, ଧାତୁ ବା ପିତ୍ତଳ, ତମ୍ବା, ରୂପା, ସୁନା, ଲୁହା ଆଦି ଧାତୁ ତିଆରି ମୂର୍ତ୍ତି । କାଷ୍ଠ ବା କାଠି ତିଆରି ମୂର୍ତ୍ତି ଭାବରେ ପୂଜା କରାଯାଏ । ସଂପ୍ରତି ପ୍ଲାଷ୍ଟିକ, ସୋଲ, କାଗଜ, ପ୍ଲାଷ୍ଟର ଅଫ ପ୍ୟାରିସ, ମାର୍ବଲ ଇତ୍ୟାଦିରେ ମୂର୍ତ୍ତି ତିଆରି କରାଯାଉଛି । ମାତ୍ର ସବୁଗୁଡ଼ିକ ପୂଜା ଉପଯୋଗୀ ନୁହେଁ । ତେବେ ଆମର ପରମ ଆରାଧ୍ୟ ଦେବତାଙ୍କୁ କାହିଁକି ଆମେ ଦାରୁବ୍ରହ୍ମ ବା ଦାରୁଦେବତା ଭାବେ ପୂଜା କରିଥାଉ, ସେ ପ୍ରଶ୍ନର ଉତ୍ତର ନିମନ୍ତେ ଆମକୁ ‘ଋକବେଦ’ରୁ ତଥ୍ୟ ମିଳେ । ସେଥିରେ ଅଛି ‘ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋଃପାରେଅପୌରୁଷମ୍ । ତଦାର ଭସ୍ୱ ଦୁର୍ହଣୋ ତେନଗଚ୍ଛ ପରସ୍ତରମଃ ।’(ଋକବେଦ - ୧୦ମଣ୍ଡଳ, ୧୫୫ସୂକ୍ତ - ୩ୟ ମନ୍ତ୍ର) । ‘ଶୂନ୍ୟ ସଂହିତା’ରେ ଦାରୁବ୍ରହ୍ମ ରୂପେ ଜଗନ୍ନାଥଙ୍କ ବର୍ଣ୍ଣନା କରଯାଇ କୁହାଯାଇଛି - ‘ଜଗନ୍ନାଥଂ ବଳଭଦ୍ରଃ ସୁଭଦ୍ରା ଚ ସୁଦର୍ଶନଃ, ମହାମନ୍ତ୍ରଂ ମହାରାଜଃ ରୂପଂ ଚ ଦାରୁବ୍ରହ୍ମବିତ୍ ।’

ବୃକ୍ଷ ଦେବତାଙ୍କୁ କ୍ରମେ ବନଦେବତା ବନଦେବୀ ମଧ୍ୟ ସୃଷ୍ଟି ହୋଇଛନ୍ତି । କେବଳ ଉତ୍କଳ ଖଣ୍ଡ ନୁହେଁ, ଭାରତର ବହୁ ପ୍ରାନ୍ତରେ ଗ୍ରାମ ମାନଙ୍କର ପ୍ରବେଶ ପଥ ବା ଗାଁ ମୁଣ୍ଡରେ ଗଛକୁ ଦେବତା ଦେବୀ ଭାବେ ପୂଜା କରିଥାଆନ୍ତି । ପ୍ରାଚ୍ୟ ପାଶ୍ଚାତ୍ୟ ଆଦିବାସୀ ଆର୍ଯ୍ୟ ଅନାର୍ଯ୍ୟ ଦ୍ରାବିଡ଼ ପ୍ରତ୍ୟେକ ଜାତିରେ ବୃକ୍ଷ ପୂଜା ପ୍ରଚଳିତ ରହିଛି । ଗ୍ରୀସ ଦେଶରେ ଆକାଶ, ଜଳ ଓ ପୃଥିବୀ ଦେବତା ବୃକ୍ଷ ରୂପେ ପୂଜା ପାଉଥିଲେ । ପ୍ରାଚୀନ ଗ୍ରୀସ ଦେଶରେ ଦେବତା ‘ନୀଅସ୍’ ଓକ ଗଛର ଦେବତା ଭାବେ ପରିଚିତ । ପ୍ରାଚୀନ କାଳରେ ଜେରୁଜେଲମରେ ମନ୍ଦିରରେ କାଠଖଣ୍ଡକୁ ଦେବତା ଭାବରେ ମଧ୍ୟ ପୂଜା କରାଯାଉଥିଲା । ଆଦିବାସୀ ମାନଙ୍କ ଭିତରେ ବୃକ୍ଷ ବା ଦାରୁ ପୂଜା ଅତି ପ୍ରାଚୀନ । ତୈତରୀୟ ଶ୍ରୁତି ଓ ଅଥର୍ବ ବେଦରେ ଲେଖାଅଛି ‘ଭଗବାନ ଦାରୁ ରୂପରେ ସମୁଦ୍ରରେ ଭାସିଆସିଲେ ଓ ଯେଉଁ ଲୋକ ସେ ଦାରୁପୂଜା କରନ୍ତି ସେମାନେ ସ୍ୱର୍ଗ ଲାଭ କରନ୍ତି ।’

ଏବେ ମଧ୍ୟ ଓଡ଼ିଶାର ଆଦିବାସୀଙ୍କ ମଧ୍ୟରେ ‘ଜାକେରି ପେନୁ’, ‘ତାନା ପେନୁ’ ଓ ‘ମୁରବି ପେନୁ’- ଏହି ତିନି ଦେବତା ଗଛ ମୂଳରେ ଏକ ଧାଡ଼ିରେ ଥିବାର ଦେଖାଯାଏ । ଶବର ମାନଙ୍କ ଦେବତା ‘କିତୁଙ୍ଗ’ଙ୍କ ଦଶ ରୂପ ଅଛି, ‘ଜଗନ୍ତ’, ‘ଜଗାବୋଇ’ ଏହି ଦେବତାଙ୍କର ଅନ୍ୟନାମ । କେତେକଙ୍କ ମତରେ, ‘ଜଗନ୍ତ’ ଜଗନ୍ନାଥ ଶବ୍ଦର ମୂଳ ଓ ଉପରୋକ୍ତ ଦଶରୂପ ଜଗନ୍ନାଥଙ୍କ ଦଶ ଅବତାରର ମୂଳ ଉତ୍ସ । ଶବରୀମାନଙ୍କ ମଧ୍ୟରେ ମାଳା (ଦାରୁର ବିଶେଷ ରୂପ, ବୃକ୍ଷ ଗଣ୍ଡିର ଅଂଶ) ଅତି ପ୍ରାଚୀନକାଳରୁ ଚଳି ଆସୁଥିବା ପରିଲକ୍ଷିତ ହୁଏ । ମୂର୍ତ୍ତିତତ୍ତ୍ୱ ବିଶେଷଜ୍ଞଙ୍କ ମତରେ, ଜଗନ୍ନାଥ-ବଳଭଦ୍ର-ସୁଭଦ୍ରା ବୃକ୍ଷ ଗଣ୍ଡିର ଅଂଶ ମାତ୍ର ବା ମାଦଳାର ରୂପାନ୍ତର । ଜଗନ୍ନାଥ ସଂସ୍କୃତିର ସ୍ମୃତି ଓ ସାହିତ୍ୟ ମାଦଳା ପାଞ୍ଜିରେ ଉପଲବ୍ଧ । ଜଗନ୍ନାଥ ମାଦଳାରେ ନାମିତ ହୋଇଥିବାରୁ ତାଙ୍କ ସେବା ପୂଜା ବିଧି ଓ ବିଧାନର ଆଲେଖ୍ୟ ହିଁ ମାଦଳା ପାଞ୍ଜିରେ ଉପଲବ୍ଧ ।

ଭଗବତ ଗୀତାର ପଞ୍ଚ ଦଶ ଅଧ୍ୟାୟରେ ଚେତନ ଉତ୍ତମ ପୁରୁଷର ପ୍ରତୀକ ହୋଇ ଛିଡ଼ା ହୋଇଛନ୍ତି । ଏହା ମହାନ ଦର୍ଶନର ସାର ହେଲା ଚେତନଶୂନ୍ୟ ଜଡ଼ ଦାରୁ ମଧ୍ୟ ଈଶ୍ୱରତ୍ୱର ଦ୍ୟୋତକ । ସମୟର ପ୍ରବାହର ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ, ଶବର ଦେବତା, ବୌଦ୍ଧ ଦେବତା, ଜୈନ ଦେବତା, ପୁରୁଷୋତ୍ତମ, ଭୈରବ, ଶ୍ରୀକୃଷ୍ଣ, ଶ୍ରୀରାମ, ଗଣପତି ଭକ୍ତଙ୍କ ଗଜାନନ ଅଥବା ନିର୍ବିଶେଷବାଦୀଙ୍କର ପ୍ରଣବ ତନୁଧର ଯଜ୍ଞମୂର୍ତ୍ତି ଭାବେ ପରିଚିତ ହୋଇ ଆସିଛନ୍ତି । ଏଣୁ ବାସ୍ତବରେ ସେ ରହସ୍ୟମୟ । ଏସବୁ ସତ୍ତ୍ୱେ ସେ ଦାରୁ ଦେବତାର ସେବା ପୂଜା, ବିଧି ବିଧାନ ଓ ମହିମା ଅନିର୍ବଚନୀୟ ଠିକ ନୀଳ ସାଗରର ଉର୍ମିମାଳା ପରି ।

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା,
କନ୍ଧମାଳ, ଦୂରଭାଷ : ୯୪୩୭୨୪୨୩୧୭
E-mail :drbichitranandaacharya@gmail.com



# ପାରାସିଟାମଲ୍ ଖୁବ୍ ବିପଦଜନକ, ଗର୍ଭବତୀ ମହିଳା ଖାଇଲେ ଶିଶୁଙ୍କୁ ହେବ ଅଟିଜିମ୍

**ୱାଶିଂଟନ୍,୨୩।୯** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅଦ୍ଭୁତ ପରାମର୍ଶ । ସେ ଗର୍ଭବତୀ ମହିଳାଙ୍କୁ କହିଛନ୍ତି, ଏସିଟୋମିନୋଫିନ୍ (ଟାଇଲେନଲ୍ କିମ୍ବା ପାରାସିଟାମୋଲ)ର ସୀମିତ ବ୍ୟବହାର କରନ୍ତୁ। ନଚେତ ଏହାଦ୍ୱାରା ପିଲାଙ୍କ ଭିତରେ ଅଟିଜିମର ବିପଦ ବଢ଼ିପାରେ । ଆମେରିକାର ସ୍ୱାସ୍ଥ୍ୟ ସଚିବ ରବର୍ଟ ଏଫ୍ କେନେଡି ଜୁନିଅରଙ୍କ ନେତୃତ୍ୱରେ କିଛି ମାସ ପର୍ଯ୍ୟନ୍ତ ରିସର୍ଚ୍ଚ କରାଯାଇଥିଲା । ଏହାପରେ ଟ୍ରମ୍ପ କହିଛନ୍ତି, ଯଦି ମହିଳାମାନେ ପାରାସିଟାମଲ ବ୍ୟବହାର କରନ୍ତି, ତେବେ ପିଲାଙ୍କ ଭିତରେ ଅଟିଜିମ୍ ବିପଦ ବଢ଼ିଯିବ । ତେବେ ଅନ୍ତର୍ଜାତୀୟ ସ୍ତରର ବୈଜ୍ଞାନିକ ତାଙ୍କର ଏହି ଦାବୀକୁ ଖଣ୍ଡନ କରିଛନ୍ତି । ଜ୍ୱର, ବିନ୍ଧା କିମ୍ବା ଅନ୍ୟ ଛୋଟଛୋଟ ସମସ୍ୟାରେ ଗର୍ଭବତୀ ମହିଳାଙ୍କ ପାଇଁ ପାରାସିଟାମଲ୍ ସବୁଠାରୁ ସୁରକ୍ଷିତ ମନେକରାଯାଏ । ସେଭଳି ଟ୍ରମ୍ପଙ୍କ କହିବା ଅନୁସାରେ, ପାରାସିଟାମଲ୍ କିମ୍ବା ଟାଇଲେନଲ୍ ନେବା ଠିକ୍ ନୁହେଁ। ଟ୍ରମ୍ପ କହିଛନ୍ତି, ମହିଳାଙ୍କୁ ହାଲକା ଜ୍ୱର ହେଲେ ଟାଇଲେନଲ୍ ନେବା ଉଚିତ ନୁହେଁ । ଯେତେବେଳେ ସହ୍ୟ କରିହେବନି ତେବେ ସବୁ ଔଷଧ ବ୍ୟବହାର କରିବା ଦରକାର। ଟ୍ରମ୍ପ ଆମେରିକାରେ ସାଧାରଣ ଭାବରେ ଦିଆଯାଉଥିବା ଭ୍ୟାକସିନର ସିଡ୍ୟୁଲରେ ପରିବର୍ତ୍ତନ କଥା କହିଛନ୍ତି । ସେ କହିଛନ୍ତି, ପ୍ରତ୍ୟେକ ପିଲାଙ୍କୁ ହେପାଟାଇଟିସ୍ ବି ଟୀକା କାହିଁକି ଲଗାଯାଉଛି । ସେ କହିଛନ୍ତି, ପିଲାଙ୍କୁ ଶିଶୁଙ୍କୁ ଭ୍ୟାକସିନ ଲଗାଯାଉଛି । ଭ୍ୟାକସିନରେ ଥିବା ତତ୍ତ୍ୱ ମଧ ଅଟିଜିମ୍ ବଢାଇପାରେ । ତେବେ ଏହାର କୌଣସି ଚିକିତ୍ସକୀୟ ପ୍ରମାଣ ମିଳିପାରିନି । ଟ୍ରମ୍ପ କହିଛନ୍ତି, ଏଫ୍ଡିଏ



୧୨ ବର୍ଷର ହେବାକୁ ଦିଆଯାଉ । ଅଧିକାଂଶ ବିଶେଷଜ୍ଞଙ୍କ କହିବା ଅନୁସାରେ, ମା'ଙ୍କଠାରୁ ଟ୍ରାନ୍ସଫର ହେଉଥିବା ରୋଗ ଲିଭର ଇନଫେକସନ୍ କିମ୍ବା କ୍ୟାନସରକୁ ରୋକିବା ପାଇଁ ଜନ୍ମର ଦିନକ ପରେ ଖୁବ୍ ଶୀଘ୍ର ଡାକ୍ତରଙ୍କୁ ଗର୍ଭାବସ୍ଥା ବେଳେ ଟାଇଲେନଲ୍କୁ କମ୍ କରିବାର ନୋଟିସ୍ ପଠାଇବ । ରିପୋର୍ଟ ଅନୁସାରେ, ଅଟିଜିମ୍ ଆନୁବଂଶିକ କିମ୍ବା ପରିବେଶ କାରକ ହୋଇପାରା ଏଥିରେ ପାରାସିଟାମଲକୁ ଯୋଡିବା ଉଚିତ ନୁହେଁ ।

# ଭାରତକୁ ମିଳିବ ସ୍ଥାୟୀ ସଦସ୍ୟତା !

**ନୂଆଦିଲ୍ଲୀ,୨୩।୯** ସଂଯୁକ୍ତ ରାଷ୍ଟ୍ର ମହାସଚିବ ଆଣ୍ଟୋନିଓ ଗୁଟେରସର ମୁଖପାତ୍ର ଷ୍ଟିଫେନ ଡୁଜାରିକ୍ ଭାରତକୁ ଏପରି ପ୍ରଶଂସା କରିଛନ୍ତି ଯାହା କେବଳ ପାକିସ୍ତାନ, ଚୀନ୍ ଏବଂ ତୁର୍କୀକୁ ନୁହେଁ, ବରଂ ଆମେରିକାକୁ ମଧ ସ୍ତବ୍ଧ କରିଦେଇଛି । ସେ ଜାତିସଂଘ ଭିତରେ ଭାରତର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆମେରିକାର ରାଷ୍ଟ୍ରପତି ପଦ ଗ୍ରହଣ କରିବା ପରଠାରୁ, ଡୋନାଲ୍ଡ ଟ୍ରମ୍ପ ଭାରତ ପ୍ରତି ଏକ ଭିନ୍ନ ଦୃଷ୍ଟିକୋଣ ଗ୍ରହଣ କରିଛନ୍ତି । ପ୍ରଥମେ, ସେ ଆମେରିକାରେ ଅବୈଧ ଭାବରେ ରହୁଥିବା ଶହ ଶହ ଭାରତୀୟଙ୍କୁ ହାତକଡ଼ି ଏବଂ ଶିକୁଳିରେ ବାନ୍ଧି ଭାରତକୁ ଫେରାଇ ଦେଇଥିଲେ ଏବଂ ତା'ପରେ ରୁଷରୁ ତେଲ କିଣିବା ବନ୍ଦ କରିବାକୁ ଭାରତ ଉପରେ ଚାପ ପକାଇଥିଲେ । ଭାରତୀୟ ସାମଗ୍ରୀ ଉପରେ ଭାରୀ ଶୁଳ୍କ ଲଗାଇଥିଲେ । ପାକିସ୍ତାନ ସହିତ ସମ୍ପର୍କ ବୃଦ୍ଧି କରିଥିଲେ ଏବଂ ବର୍ତ୍ତମାନ ସେ H1B ଭିସା ସମ୍ପର୍କରେ କଠୋର ନିୟମ ଘୋଷଣା କରିଛନ୍ତି । ଷ୍ଟିଫେନ ଡୁଜାରିକ୍ କହିଛନ୍ତି ଯେ ଭାରତ ଜାତିସଂଘର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଆଣ୍ଟୋନିଓ ଗୁଟେରସ ଭାରତ ସରକାରଙ୍କ ସହିତ ବହୁତ ଭଲ ସମ୍ପର୍କ ରଖିଛନ୍ତି । ସେ ଆହୁରି କହିଛନ୍ତି ଯେ, ଜାତିସଂଘରେ ଭାରତର ସ୍ୱରକୁ ବହୁତ ମୂଲ୍ୟ ଦିଆଯାଇଛି । ଜାତିସଂଘର ମୁଖପାତ୍ର ଏହି ବିବୃତ୍ତି ଏପରି ଏକ ସମୟରେ ଦେଇଛନ୍ତି ଯେତେବେଳେ ଟ୍ରମ୍ପ ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସହିତ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ସୋମବାର (୨୩ ସେପ୍ଟେମ୍ବର, ୨୦୨୫) ଜାତିସଂଘ ସାଧାରଣ ପରିଷଦ ବୈଠକ ଅବସରରେ ନ୍ୟୁଜ ଏଜେନ୍ସି ANI ସହିତ କଥାବାର୍ତ୍ତା କରି ଷ୍ଟିଫେନ୍ ଡୁଜାରିକ୍ ଜାତିସଂଘରେ ଭାରତର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଏହାର ପ୍ରଭାବଶାଳୀତା ଏବଂ ପ୍ରତିନିଧିତ୍ୱ ବୃଦ୍ଧି କରିବା ପାଇଁ ସାଂଗଠନିକ ପରିବର୍ତ୍ତନ ପାଇଁ ଆହ୍ୱାନ କରିଥିଲେ । ଷ୍ଟିଫେନ୍ ଡୁଜାରିକ୍ କହିଛନ୍ତି, ସଂଘର ମହାସଚିବ ସୁରକ୍ଷା ପରିଷଦରେ ପରିବର୍ତ୍ତନକୁ ସମର୍ଥନ କରନ୍ତି ଯାହା ଦ୍ୱାରା ଏହା ୧୯୪୫ ମସିହାର ବିଶ୍ୱ ଅପେକ୍ଷା ୨୦୨୫ ମସିହାର ବିଶ୍ୱକୁ ଭଲ ଭାବରେ ପ୍ରତିଫଳିତ କରିପାରିବ । ସଂଗଠନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସେ ଏହାକୁ ବର୍ଷର ଏକ କେନ୍ଦ୍ରୀୟ ପ୍ରସଙ୍ଗ ଭାବରେ ବର୍ଣ୍ଣନା କରିଥିଲେ । ତଥାପି, ସ୍ଥାୟୀ ଜାତିସଂଘ ସଦସ୍ୟତା ଉପରେ, ଡୁଜାରିକ୍ କହିଛନ୍ତି ଯେ ଏହାର ନିଷ୍ପତ୍ତି ସଦସ୍ୟ ଦେଶ ଦ୍ୱାରା ନିଆଯାଇଥାଏ । ଷ୍ଟିଫେନ୍ ଡୁଜାରିକ୍ କହିଛନ୍ତି ଯେ ସୁରକ୍ଷା ପରିଷଦର ପରିବର୍ତ୍ତିତ ଗଠନରେ କେଉଁ ଦେଶ ସ୍ଥାୟୀ ସଦସ୍ୟତା ପାଇବ ତାହା ସଦସ୍ୟ ଦେଶଗୁଡ଼ିକ ଉପରେ ନିର୍ଭର କରେ । ଜାତିସଂଘରେ ଭାରତର ଅବଦାନ ବିଷୟରେ ଷ୍ଟିଫେନ୍ ଡୁଜାରିକ୍ କହିଛନ୍ତି, ଭାରତ ଜାତିସଂଘର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହା ବହୁପାକ୍ଷିକତାର ଏକ ଗୁରୁତ୍ୱପୂର୍ଣ୍ଣ ସମର୍ଥକ । ଜାତିସଂଘର ମହାସଚିବଙ୍କ ଭାରତ ସରକାରଙ୍କ ସହିତ ଭଲ ସମ୍ପର୍କ ରହିଛି । ଏଠାରେ ଅନେକ ଭାରତୀୟ ଆମ ସହିତ କାମ କରନ୍ତି । ଭାରତ ଜାତିସଂଘରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱର ।

# ୟୁକ୍ରେନ ଉପରେ ରୁଷର ଭୟଙ୍କର ମିସାଇଲ୍-ଡ୍ରୋନ ଆକ୍ରମଣ

**ନୂଆଦିଲ୍ଲୀ,୨୩।୯** ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ପୁଣିଥରେ ହିଂସାତ୍ମକ ମୋଡ଼ ନେଇଛି । ରୁଷ ଦାବି କରିଛି ଯେ, ମସ୍କୋ ଆଭିମୁଖେ ଯାଉଥିବା ୪୦ ରୁ ଅଧିକ ୟୁକ୍ରେନୀୟ ଡ୍ରୋନକୁ ସେ ଖସାଇ ଦେଇଛି, ଯେତେବେଳେ କି, ୟୁକ୍ରେନ କହିଛି ଯେ, ରୁଷ କ୍ଷେପଣାସ୍ତ୍ର, ଡ୍ରୋନ ଏବଂ ବୋମା ଆକ୍ରମଣରେ ଅତି କମରେ ଦୁଇ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ଏହି ସମୟରେ, ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନ୍ସକି ନ୍ୟୁୟର୍କରେ ଜାତିସଂଘ ସାଧାରଣ ସଭାରେ ତାଙ୍କ ଦେଶ ପାଇଁ ସମର୍ଥନ ସଂଗ୍ରହ କରିବାରେ ଲାଗି ପଡିଛନ୍ତି । ତିନି ବର୍ଷରୁ ଅଧିକ ସମୟ ଧରି ରୁଷର ଏକ ବଡ଼ ଆକ୍ରମଣର ସମ୍ମୁଖୀନ ହେଉଥିବା ୟୁକ୍ରେନୀୟ ସୈନ୍ୟଙ୍କ ପାଇଁ ପରିସ୍ଥିତି ଏବେ ବିପଦପୂର୍ଣ୍ଣ ରହିଛି । ଜେଲେନ୍ସକି ଏହି ସପ୍ତାହରେ ନ୍ୟୁୟର୍କରେ ବିଶ୍ୱ ନେତାଙ୍କ ସହ ସାକ୍ଷାତ କରୁଛନ୍ତି । ବର୍ତ୍ତମାନ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ମଧ୍ୟସ୍ଥତା ପ୍ରୟାସକୁ ବନ୍ଦ କରିଦେଇଛନ୍ତି। ଆଲାସ୍କାରେ ପୁଟିନ ଏବଂ ଟ୍ରମ୍ପଙ୍କ ବୈଠକ ଏବଂ ହ୍ୱାଇଟ୍ ହାଉସରେ ଜେଲେନ୍ସକିଙ୍କ ସହ ଆଲୋଚନା ସତ୍ତ୍ୱେ, ଯୁଦ୍ଧ ଜାରି ରହିଛି । ଜେଲେନ୍ସକି କହିଛନ୍ତି ଯେ, ସେ ନ୍ୟୁୟର୍କରେ ଟ୍ରମ୍ପଙ୍କ ବିଶେଷ ଦୂତ କିଥ୍ କେଲୋଗଙ୍କ ସହ ସାକ୍ଷାତ କରିଛନ୍ତି । ବୈଠକରେ ଆମେରିକାର ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ଡ୍ରୋନ ନିର୍ମାଣରେ ସହଯୋଗ ବିଷୟରେ ଆଲୋଚନା ହୋଇଛି । ଜେଲେନ୍ସକି କହିଛନ୍ତି ଯେ, ଏହି ସହଯୋଗ ୟୁକ୍ରେନକୁ ଯୁଦ୍ଧରେ ଏକ ଟେକନୋଲୋଜି ପ୍ରଦାନ କରିପାରିବ ।

## ବର୍ଷାରେ ବେହାଲ କୋଲକାତା
# ୩୦ଟି ବିମାନ ଚଳାଚଳ ବାତିଲ୍

**କୋଲକାତା,୨୩।୯** କୋଲକାତାରେ ଗତକାଲି ରାତି ସାରା ପ୍ରବଳ ବର୍ଷା ହେତୁ ପାଣି ଜମି ରହିବା ସହିତ ସହରର ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଯାଇଛି । ଯାହା ଫଳରେ ଯାତାୟାତ ବ୍ୟବସ୍ଥା ଠପ୍ ହୋଇଯାଇଛି । ଦୁର୍ଗାପୂଜା ଉତ୍ସବ ଆରମ୍ଭ ହେବାର କିଛି ଦିନ ପୂର୍ବରୁ ପୃଥକ ପୃଥକ ଘଟଣାରେ ଅତି କମରେ ସାତ ଜଣ ଲୋକ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି ।



ଯାହା ବନ୍ୟାର ଗମ୍ଭୀର ପ୍ରଭାବକୁ ସ୍ପଷ୍ଟ କରିଛି । ତେବେ ସହରରେ ପ୍ରବଳ ବର୍ଷା ଯୋଗୁ କୋଲକାତା ବିମାନବନ୍ଦର ରନୱେ ଜଳପୂର୍ଣ୍ଣ ଥିବା ଦୃଶ୍ୟ ଦେଖାଯାଇଥିବାରୁ ଅତି କମରେ ୩୦ଟି ବିମାନ ଉଡ୍ଡାଣକୁ ବାତିଲ କରାଯାଇଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ଅନୁଯାୟୀ, ସହରରେ ମାତ୍ର ତିନି ଘ । ମଧ୍ୟରେ ୧୮୫ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ବର୍ଷକ ମଧ୍ୟରେ ସର୍ବାଧିକ । ମୋଟାମୋଟି ଭାବରେ, ଆଲିପୁରରେ ୨୪ ଘ । ମଧ୍ୟରେ ୨୪୭.୫ ମିମି ବର୍ଷା ହୋଇଛି ଏବଂ ଅନେକ ପଡ଼ୋଶୀ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି । ଯାହା ରାସ୍ତା, ଘର ଏବଂ ବଜାରକୁ ବୁଡ଼ାଇ ଦେଇଛି । ଏହି ବର୍ଷା ରେଳ ଏବଂ ମେଟ୍ରୋ ସେବାକୁ ବାଧାପ୍ରାପ୍ତ କରିଛି, ଅନେକ ଦୂରଗାମୀ ଟ୍ରେନର ସମୟସୂଚୀ ପରିବର୍ତ୍ତନ ହୋଇଛି ଓ ଏହି ବର୍ଷା ଦଶହରା ପ୍ରସ୍ତୁତିକୁ ବାଧା ଦେଇଛି । କୋଲକାତାର ଅନେକ ମଣ୍ଡପରେ ପାଣି ଜମି ରହିବା ଯୋଗୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ତାଙ୍କର ନିର୍ଦ୍ଧାରିତ ଦୁର୍ଗାପୂଜା ଉଦଘାଟନକୁ ବାତିଲ କରିଛନ୍ତି । ସେ ତାଙ୍କର ସମସ୍ତ ଯୋଜନାବଦ୍ଧ ବୈଠକ ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମକୁ ମଧ ବାତିଲ କରିଛନ୍ତି ।

# ଲୋକଙ୍କ ପାଖକୁ ନଗଲେ ମନ୍ତ୍ରୀପଦ ଛାଡ଼
## ମନ୍ତ୍ରୀମାନଙ୍କୁ ତାଗିଦ୍ କଲେ ଏକନାଥ ସିନ୍ଦେ

**ମୁମ୍ବାଇ,୨୩।୯** ମହାୟୁତି ସରକାରରେ ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ପ୍ରଥମେ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ଏବେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ ତାଙ୍କ ଗୋଷ୍ଠୀର ମନ୍ତ୍ରୀମାନଙ୍କୁ ଭର୍ତ୍ସନା କରିଛନ୍ତି। ସିନ୍ଦେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ମନ୍ତ୍ରୀମାନେ କେବଳ ସେମାନଙ୍କ କ୍ୟାବିନ୍ରେ ସୀମିତ ରହିବା ଉଚିତ ନୁହେଁ। ସେମାନେ କେବଳ ଫାଇଲ୍ ପରିଚାଳନା କରିବା ଉଚିତ ନୁହେଁ । ବରଂ ଜନସାଧାରଣଙ୍କ ପାଖକୁ ଯାଇ ସେମାନଙ୍କର ସମସ୍ୟାର ସମାଧାନ କରିବା ଉଚିତ । ସେ ଚେତାବନୀ ଦେଇଛନ୍ତି, ଯଦି ମନ୍ତ୍ରୀମାନେ ଏଭଳି ଅବହେଳା ଜାରି ରଖନ୍ତି, ତେବେ ଭବିଷ୍ୟତରେ ସେମାନଙ୍କ ବିରୋଧରେ କଠୋର ନିଷ୍ପତ୍ତି ନେବାକୁ ପଡ଼ିପାରେ । ଲୋକଙ୍କ ପାଖକୁ ନଗଲେ ମନ୍ତ୍ରୀପଦ ଛାଡ଼ ବୋଲି ସେ ତାଗିଦ୍ କରିଛନ୍ତି । ଆଗାମୀ ଦିନରେ ରାଜ୍ୟରେ ପୌର ନିଗମ ଏବଂ ଜିଲ୍ଲା ପରିଷଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ସିନ୍ଦେ ମନ୍ତ୍ରୀମାନଙ୍କୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଯେ, ଏବେଠାରୁ ପ୍ରସ୍ତୁତି ଆରମ୍ଭ କରନ୍ତୁ, ନଚେତ୍ ସେମାନେ କ୍ଷତିର ସମ୍ମୁଖୀନ ହୋଇପାରନ୍ତି । ସେ କହିଛନ୍ତି, ଜନସାଧାରଣ ମହାୟୁତି ସରକାରଙ୍କ ଉପରେ ବିଶ୍ୱାସ ପ୍ରକାଶ କରିଛନ୍ତି, ତେଣୁ ସେମାନଙ୍କର ସମସ୍ୟା ସମାଧାନକୁ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ । ପୂର୍ବରୁ ସିନ୍ଦେ ମନ୍ତ୍ରୀମାନଙ୍କୁ ନିୟମିତ ଭାବରେ ସାଧାରଣ ସଭାରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ, ଅନେକ ମନ୍ତ୍ରୀ ଏହି ଅଭ୍ୟାସକୁ ଅବହେଳା କରୁଥିବାରୁ ସେ



ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହା ଯୋଗୁ ଜନ ଅସନ୍ତୋଷ ବୃଦ୍ଧି ପାଇବା ସହିତ ସରକାରଙ୍କ ପ୍ରତିଛବି ଉପରେ ନକାରାତ୍ମକ ପ୍ରଭାବ ପଡୁଥିବା ସିନ୍ଦେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି ଯେ, ଅନେକ ମନ୍ତ୍ରୀ ଦଳର ବିସ୍ତାର ପ୍ରୟାସକୁ ଗମ୍ଭୀରତାର ସହ ନେଉନାହାନ୍ତି। ଏହି ମନୋଭାବ ନିର୍ବାଚନ ପରିବେଶରେ କ୍ଷତିକାରକ ହୋଇପାରେ । ସେ କହିଛନ୍ତି, ଜନସାଧାରଣଙ୍କ ପାଖରେ ପହଞ୍ଚିବା ହେଉଛି ସେମାନଙ୍କ ଆଶା ପୂରଣ କରିବାର ଏକମାତ୍ର ଉପାୟ । ଶିବସେନା ମୁଖ୍ୟ ସିନ୍ଦେଙ୍କ ଚେତାବନୀ ସ୍ପଷ୍ଟ ଭାବରେ ମନ୍ତ୍ରୀମାନଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ଚରମବାଣୀ ପରି ମନେ ହେଉଛି । ନିକଟ ଭବିଷ୍ୟତରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଧମକ ଦେଇଛନ୍ତି । ଅନୁମାନ କରାଯାଉଛି, ଏହି ବିବୃତି ଦଳୀୟ ସଦସ୍ୟଙ୍କୁ ଶୃଙ୍ଖଳାବଦ୍ଧ କରିବା ଏବଂ ଆଗାମୀ ପେର ନିର୍ବାଚନକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କୁ ଏକ ସକାରାତ୍ମକ ବାର୍ତ୍ତା ପଠାଇବାର ଏକ ପ୍ରୟାସ । ସେପ୍ଟେମ୍ବର ୧୯ ତାରିଖରେ ନାଗପୁରରେ ଅନୁଷ୍ଠିତ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ଚିନ୍ତନ ଶିବିରରେ, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ତାଙ୍କ ଦଳର ମନ୍ତ୍ରୀ ଏବଂ ଅଧିକାରୀମାନଙ୍କୁ ଜନସାଧାରଣଙ୍କ ମଧ୍ୟରେ କାମ କରିବାକୁ ନଚେତ ଇସ୍ତଫା ଦେବାକୁ ଚେତାବନୀ ଦେଇଥିଲେ । ସେ ତାଙ୍କ ମନ୍ତ୍ରୀମାନଙ୍କୁ ତୃଣମୂଳସ୍ତରରେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଜିତ ପାୱାର କହିଥିଲେ ଯେ, ନାଗରିକମାନେ ଆମଠାରୁ ସଚ୍ଚୋଟତା ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ଆଶା କରନ୍ତି । ତେଣୁ, ଆମେ ସେମାନଙ୍କୁ ଅଣଦେଖା କରିବା ପରି ବ୍ୟବହାର କରିବା ଉଚିତ ନୁହେଁ । ପ୍ରତ୍ୟେକ ବର୍ଗର ସର୍ବାଙ୍ଗୀନ ବିକାଶ ପାଇଁ ଆମେ ଉତ୍ତରଦାୟୀ ।ଆଜି ଦେଖିବୁ, କାଲି ଆସିବୁ, ସେଠାରେ ଭେଟିବୁ ଏଭଳି ମନୋଭାବ ଚଳିବ ନାହିଁ ବୋଲି ଅଜିତ କହିଥିଲେ ।

# ଜେଲରୁ ବାହାରିଲେ ଆଜମ୍ ଖାଁ

**ସୀତାପୁର,୨୩।୯** ୨୩ ମାସ ପରେ ଜେଲରୁ ବାହାରକୁ ଆସିଛନ୍ତି ବରିଷ୍ଠ ସମାଜବାଦୀ ପାର୍ଟି ନେତା ଏବଂ ପୂର୍ବତନ ମନ୍ତ୍ରୀ ଆଜମ ଖାନ । ମଙ୍ଗଳବାର ଦିନ ତାଙ୍କୁ ସୀତାପୁର ଜେଲରୁ ମୁକ୍ତ କରାଯାଇଛି । ତାଙ୍କ ପୁଅ ପାଇଁ ଦୁଇଟି ଜନ୍ମ ପ୍ରମାଣପତ୍ର ତିଆରି କରିବା ମାମଲାରେ ସେ ଅକ୍ଟୋବର ୨୦୨୩ରୁ ସୀତାପୁର ଜେଲରେ ଥିଲେ । ତାଙ୍କ ମୁକ୍ତି ପୂର୍ବରୁ ତାଙ୍କ ପୁଅ ଆଦିବ ଆଜମ ଏବଂ ଅନ୍ୟ ଅନେକ ପ୍ରମୁଖ ଅଧିକାରୀ ସେଠାରେ ପହଞ୍ଚିଥିଲେ । ସେ ଜେଲରୁ ଏକ ଧଳା ଗାଡ଼ିରେ ବାହାରକୁ ଆସିଥିଲେ । ଏହି ସମୟରେ ସାମ୍ବାଦିକମାନେ ତାଙ୍କୁ ପ୍ରଶ୍ନ



ପଚାରିଥିଲେ ବି ସେ କୌଣସି ଉତ୍ତର ଦେଇନଥିଲେ । ଆଜମ ଜେଲରୁ ବାହାରକୁ ଆସିବାକୁ ସ୍ୱାଗତ କରିଛନ୍ତି ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ । ସେ କହିଛନ୍ତି ଯେ ରାଜ୍ୟରେ ତାଙ୍କ ସରକାର ଆସିଲେ ଆଜମଙ୍କ ବିରୋଧରେ ଲଗାଯାଇଥିବା ସବୁ ମାମଲା ପ୍ରତ୍ୟାହାର କରାଯିବ । ଆଜମ ଜେଲରୁ ମୁକ୍ତ ହେବା ପରେ, ମୋରାଦାବାଦ ସାଂସଦ ରୁଚିବୀରା ମଧ ତାଙ୍କୁ ଭେଟିବା ପାଇଁ ସୀତାପୁରରେ ପହଞ୍ଚିଥିଲେ, କିନ୍ତୁ ପୁଲିସ ତାଙ୍କୁ ଅଟକାଇଥିଲା। ଏହି ସମୟରେ, ଆଜମଙ୍କ ମୁକ୍ତିକୁ ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ବହୁତ ଉତ୍ସାହ ଦେଖାଦେଇଥିଲା ଏବଂ ତାଙ୍କୁ ସ୍ୱାଗତ କରାଯାଇଥିଲା। ଆଜମ ଜେଲରୁ ବାହାରକୁ ଆସିବାକୁ ସ୍ୱାଗତ କରିଛନ୍ତି ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ । ସେ କହିଛନ୍ତି ଯେ ରାଜ୍ୟରେ ତାଙ୍କ ସରକାର ଆସିଲେ ଆଜମଙ୍କ ବିରୋଧରେ ଲଗାଯାଇଥିବା ସବୁ ମାମଲା ପ୍ରତ୍ୟାହାର କରାଯିବ ।

# ଅଣହିନ୍ଦୁଙ୍କୁ ଗରବା ମନା

**ଭୋପାଳ,୨୩।୯** ବାଗେଶ୍ୱର ଧାମ ପୀଠାଧୀଶ୍ୱର ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଲଭ୍ ଜିହାଦକୁ ଦୂର କରିବା ଏବଂ ହିନ୍ଦୁ ଝିଅମାନଙ୍କୁ ସୁରକ୍ଷା ଦେବା ପାଇଁ ନିବେଦନ କରିଛନ୍ତି। ଗରବା ମଣ୍ଡପରେ ଅନ୍ୟ ଧର୍ମର ଲୋକଙ୍କ ଉପସ୍ଥିତି ସମ୍ପର୍କରେ ସେ କହିଛନ୍ତି ଯେ, ଯଦି ହିନ୍ଦୁମାନେ ହଜ୍ ଯାଆନ୍ତି ନାହିଁ, ତେବେ ସେମାନେ ଗରବା କାର୍ଯ୍ୟକ୍ରମରେ ଯୋଗଦେବା ଉଚିତ ନୁହେଁ। ଏହା ବ୍ୟତୀତ, ଗରବା ମଣ୍ଡପ ପରିଦର୍ଶନ କରୁଥିବା ଲୋକଙ୍କ ଉପରେ ଗୋମୂତ୍ର ସିଞ୍ଚନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନବରାତ୍ରି ଆରମ୍ଭ ହେବା ସହିତ ଗରବା ମଣ୍ଡପ ସମ୍ପର୍କରେ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀଙ୍କ ମନ୍ତବ୍ୟ କୌତୁହଳର ବିଷୟ ପାଲଟିଛି। ପୂର୍ବରୁ ଅନେକ ବିଜେପି ନେତା ଗରବା ଉତ୍ସବ ସମ୍ପର୍କରେ ବିଭିନ୍ନ ମନ୍ତବ୍ୟ ଦେଇସାରିଛନ୍ତି, କିନ୍ତୁ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀଙ୍କ ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ବର୍ତ୍ତମାନ ତାଙ୍କ ଗ୍ରାମ ଗଡ଼ାରେ ଅଛନ୍ତି । ସେ ଲବକୁଶ ନଗରରେ ମାତା ବମ୍ବର ବେଣୀଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ଏହି ସମୟରେ କେହି ଜଣେ ତାଙ୍କୁ ଗରବା ଉତ୍ସବ ବିଷୟରେ ପଚାରିଥିଲେ, ଏହାର ଉତ୍ତରରେ ସେ କହିଥିଲେ, କୌଣସି ସନାତନୀ ହଜ୍ ଯାତ୍ରାରେ ଯାଆନ୍ତି ନାହିଁ, ତେଣୁ ଆମେ ଏହା ମଧ ନିଶ୍ଚିତ କରିବାକୁ ଚାହୁଁଛୁ ଯେ, ଅନ୍ୟ କୌଣସି



ଧର୍ମର କେହି ଆମର ଗରବା ମହୋତ୍ସବରେ ଯେପରି ଅଂଶଗ୍ରହଣ ନକରନ୍ତି । ଲଭ୍ ଜିହାଦ ବନ୍ଦ କରିବା ପାଇଁ, ସେ କହିଥିଲେ ଯେ, ଚଳିତ ନବରାତ୍ରିରେ, ଆମେ ସନାତନ ଧର୍ମ ପାଇଁ ଆମର ଜୀବନ ଉତ୍ସର୍ଗ କରିବାକୁ ପ୍ରତିଜ୍ଞା କରିବା ଉଚିତ । ସେ କହିଥିଲେ, ହେ ଦେବୀ, ଏହି ନବରାତ୍ରିରେ, ଆମେ ଲଭ୍ ଜିହାଦକୁ ସମାପ୍ତ କରିବାକୁ ଏବଂ ସନାତନ ଧର୍ମର ଝିଅମାନଙ୍କୁ ସୁରକ୍ଷା ଦେବାକୁ ପ୍ରତିଜ୍ଞା କରିବା ଉଚିତ । ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀଙ୍କ ଏହି ବକ୍ତବ୍ୟ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି।

ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଅଣହିନ୍ଦୁମାନଙ୍କୁ ଗରବା ମହୋତ୍ସବରେ ପ୍ରବେଶ କରିବାରୁ ରୋକିବା ପାଇଁ ସାମାଜିକ କର୍ମୀ ଏବଂ ଗରବା ମହୋତ୍ସବ ଆୟୋଜନ କରୁଥିବା କମିଟିଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ, ଗରବା ମହୋତ୍ସବ ମଣ୍ଡପର ପ୍ରବେଶ ଦ୍ୱାରରେ ଗୋମୂତ୍ର ରଖାଯିବା ଉଚିତ୍ ଏବଂ ପ୍ରବେଶ କରୁଥିବା ଲୋକଙ୍କ ଉପରେ ଛିଞ୍ଚିବା ଉଚିତ, ଯାହା ଦ୍ୱାରା ଅଣହିନ୍ଦୁମାନେ ଗରବା ମହୋତ୍ସବରେ ପ୍ରବେଶ କରିପାରିବେ ନାହିଁ। ସୂଚନାଯୋଗ୍ୟ, ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଦୀର୍ଘ ଦିନ ଧରି ଭାରତକୁ ଏକ ହିନ୍ଦୁ ରାଷ୍ଟ୍ର କରିବା ପାଇଁ ଆହ୍ୱାନ ଦେଇ ଆସୁଛନ୍ତି, ଏବଂ ସେ ଏହାକୁ ହାସଲ କରିବା ପାଇଁ ଏକ ପଦଯାତ୍ରା ମଧ ଆୟୋଜନ କରିଛନ୍ତି। ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ସନାତନ ଧର୍ମ, ହିନ୍ଦୁ ରାଷ୍ଟ୍ର ଏବଂ ଲଭ୍ ଜିହାଦ ଭଳି ପ୍ରସଙ୍ଗରେ ଖୋଲାଖୋଲି ଭାବରେ କଥାବାର୍ତ୍ତା କରିଥାନ୍ତି, ଯାହା ତାଙ୍କୁ ଖବରର ଶିରୋନାମାରେ ରଖିଥାଏ ।

# ଆଫଗାନିସ୍ତାନରେ ୨୦ ମହିଳାଙ୍କ ସମେତ ୧୧୪ ଜଣଙ୍କୁ ଚାବୁକ ମାଡ଼

**କାବୁଲ,୨୩।୯** ତାଲିବାନ ଶାସନ କାବୁଲ ଦଖଲ କରିବା ପରଠାରୁ ଆଫଗାନିସ୍ତାନରେ କଠୋର ଶରିୟା ଆଇନ ଲାଗୁ ହୋଇଛି। ଅନେକ ମାନବାଧିକାର ସଂଗଠନ ଏବଂ ଜାତିସଂଘର ବିରୋଧ ସତ୍ତ୍ୱେ, ଆଫଗାନିସ୍ତାନ ଏପରି ଦଣ୍ଡ ପ୍ରଚଳନ କରିଆସୁଛି ଯାହାକୁ ଅନ୍ତର୍ଜାତୀୟ ସମ୍ପ୍ରଦାୟ ବେଆଇନ ଏବଂ ଅମାନବୀୟ ବୋଲି ବର୍ଣ୍ଣନା କରିଛି । ଆମେରିକା-ଭିତ୍ତିକ ଆମୁ ନ୍ୟୁଜର ଏକ ରିପୋର୍ଟ ଅନୁଯାୟୀ, ଗତ ମାସରେ ତାଲିବାନ ସାରା ଦେଶରେ ୧୧୪ ଜଣଙ୍କୁ ସାର୍ବଜନୀନ ଭାବରେ ଚାବୁକ ମାଡ଼ କରିଥିଲା, ଯେଉଁଥିରେ ୨୦ ଜଣ ମହିଳା ଥିଲେ। ଅଗଷ୍ଟ ୨୨ ରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ସନବୁଲାରେ ପୂର୍ବ ମାସ ତୁଳନାରେ ୨ ଗୁଣ ଅଧିକ ମହିଳାମାନଙ୍କୁ ଚାବୁକ ମାଡ଼ କରାଯାଇଥିଲା । ସାମଗ୍ରିକ ଭାବରେ, ଏପରି ମାମଲା ସଂଖ୍ୟା ଗତ କିଛି ମାସରେ ପ୍ରାୟ ପାଞ୍ଚ ଗୁଣ ବୃଦ୍ଧି ପାଇଛି, ଗତ ମାସରେ ୧୦ ଜଣଙ୍କୁ ଚାବୁକ ମାଡ଼ ହୋଇଥିବା ବେଳେ ଏହି ମାସରେ ଏହା ୫୦ ହୋଇଛି । ରିପୋର୍ଟ ଅନୁସାରେ ଅଗଷ୍ଟ ୨୨ ରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ସନବୁଲାରେ ପୂର୍ବ ମାସ ତୁଳନାରେ ୨ ଗୁଣ ଅଧିକ ମହିଳାମାନଙ୍କୁ ଚାବୁକ ମାଡ଼ କରାଯାଇଥିଲା । ସାମଗ୍ରିକ ଭାବରେ, ଏପରି ମାମଲା ସଂଖ୍ୟା ଗତ କିଛି ମାସରେ ପ୍ରାୟ ପାଞ୍ଚ ଗୁଣ ବୃଦ୍ଧି ପାଇଛି, ଗତ ମାସରେ ୧୦ ଜଣଙ୍କୁ ଚାବୁକ ମାଡ଼ ହୋଇଥିବା ବେଳେ ଏହି ମାସରେ ଏହା ୫୦ ହୋଇଛି। ତାଲିବାନ ଅତି କମରେ ୧୫ଟି ପ୍ରଦେଶରେ ଏହି ଦଣ୍ଡ ପ୍ରଦାନ କରିଛି, ଯେଉଁଥିରେ କାବୁଲ, ପରୱାନ ଏବଂ ତଖାରରେ ସର୍ବାଧିକ ସଂଖ୍ୟା ରେକର୍ଡ କରାଯାଇଥିଲା । ଘୋର, ଲୋଗାର, ବଲଖ, ଲାଘମାନ, ତଖାର, ବାଦାଖଶାନ, ଜୋଜାନ ଏବଂ ବାଘଲାନରେ, ଯେଉଁମାନଙ୍କୁ ଚାବୁକ ମାଡ଼ ଦିଆଯାଇଥିଲା ସେମାନଙ୍କ ମଧ୍ୟରେ ମହିଳାମାନେ ଅଧିକ ଥିଲେ, ଯେଉଁମାନେ ଘରୁ ପଳାଇଯିବା କିମ୍ବା ନୈତିକ ପତନର ଅଭିଯୁକ୍ତ ଥିଲେ ।

# ଆହୁରି ମହଙ୍ଗା ହେଲା ସୁନା

**ନୂଆଦିଲ୍ଲୀ,୨୩।୯** ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୨୩୮୦ ଟଙ୍କା ବୃଦ୍ଧି ପାଇ ୧,୧୨,୧୫୫ ଟଙ୍କା ହୋଇଥିବା ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି, ରୁପା କେଜି ୪୮୬୯ ଟଙ୍କା ବି ୧,୩୨,୮୬୯ ଟଙ୍କା ହୋଇଛି । କେବଳ ୨୦୨୫ରେ ଦେଶରେ ସୁନା ଦାମ୍ ୩୬ ହଜାର ଟଙ୍କା ଓ ରୁପା ଦର ୪୬,୮୫୨ ଟଙ୍କା ବଢିସାରିଲାଣି । ୨୦୨୪ ଡିସେମ୍ବର ୩୧ରେ ୨୪ କ୍ୟାରେଟ୍ ସୁନା ଦାମ୍ ୭୬,୧୬୨ ଟଙ୍କା ଓ ରୁପା ଦାମ୍ ୮୬,୦୧୭ ଟଙ୍କା ଥିଲା ।

# ତିନି ମହଲା କୋଠା ଭୁଶୁଡ଼ି ୨ ମୃତ

**ନୂଆଦିଲ୍ଲୀ,୨୩।୯** ଇନ୍ଦୋରରେ ଅଘଟଣ । ପୁରୁଣା ତିନି ମହଲା କୋଠା ଭୁଶୁଡ଼ି ୨ ମୃତ । ସେହିପରି ୧୨ ଜଣ ଆହତ ଥିବା ବେଳେ ସମସ୍ତଙ୍କୁ ନିକଟସ୍ଥ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମଧ୍ୟପ୍ରଦେଶର ଜବାହାର ମାର୍ଗର ରାଣୀପୁରା ଅଞ୍ଚଳରେ ରାତି ପ୍ରାୟ ୯ଟା ବେଳେ ଏହି ଦୁର୍ଘଟଣା ଘଟିଛି । ପ୍ରଶାସନ ଏବଂ ଘଉଜର ଟିମ୍ ୫ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟରେ ସମସ୍ତଙ୍କୁ ଉଦ୍ଧାର କରିଥିଲେ । କଲେକ୍ଟର ଶିବମ୍ ବର୍ମା କହିଛନ୍ତି ଯେ ମୃତକଙ୍କ ନାମ ଆଲିଫା ଏବଂ ଫହୀମ୍ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, କୋଠାରେ ପୂର୍ବରୁ ଫାଟ ଥିଲା, କିନ୍ତୁ ଏତେ ବଡ଼ ଦୁର୍ଘଟଣା କେହି ଆଶା କରିନଥିଲେ। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ମେୟର, ପୁଲିସ କମିଶନର ଏବଂ କଲେକ୍ଟର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । କଲେକ୍ଟର ଶିବମ୍ ବର୍ମା ଆହୁରି କହିଛନ୍ତି ଯେ, କୋଠାର ସମ୍ମୁଖ ଅଂଶକୁ ସମ୍ପ୍ରତି ନବୀକରଣ କରାଯାଇଥିଲା, ଯେତେବେଳେ ପଛ ଅଂଶ ବହୁତ ପୁରୁଣା ଥିଲା । ପୁଲିସ ଏବଂ ପ୍ରଶାସନ ମିଳିତ ଭାବରେ କୋଠାର ମୂଳଦୁଆ ଅବସ୍ଥା ଯାଞ୍ଚ କରିବେ । ସେପଟେ ମେୟର କହିଛନ୍ତି ଯେ ଭୁଶୁଡ଼ି ପଡ଼ିଥିବା ଅଂଶଟି ପାଖ ଘର ଉପରେ ମଧ ପଡ଼ିଥିଲା । ଅଧିକାଂଶ ଲୋକଙ୍କୁ ସମୟ ମଧ୍ୟରେ ଉଦ୍ଧାର କରାଯାଇଥିଲା । ଆହତମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯାଉଛି ।

# ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ଇଡିର କଡ଼ା କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୩।୯** ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ତଥା ଆପ୍ ନେତା ସତ୍ୟେନ୍ଦ୍ର କୁମାର ଜୈନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ସତ୍ୟେନ୍ଦ୍ର କୁମାର ଜୈନଙ୍କ ଦ୍ୱାରା ନିୟନ୍ତ୍ରିତ କମ୍ପାନିଗୁଡ଼ିକ ସହିତ ଜଡିତ ୭.୪୪ କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଏହି କାର୍ଯ୍ୟାନୁଷ୍ଠାନ ସେପ୍ଟେମ୍ବର ୧୫ ତାରିଖରେ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ), ୨୦୦୨ ଅନୁଯାୟୀ ନିଆଯାଇଥିଲା । ୨୦୧୭ ମସିହାରେ ଦାୟର ହୋଇଥିବା ଏକ ସିବିଆଇ ମାମଲାରୁ ଇଡି ଏହି ତଦନ୍ତ ଆରମ୍ଭ କରିଛି । ଯେଉଁଥିରେ ଜୈନ ଆପ ନେତୃତ୍ୱାଧୀନ ଦିଲ୍ଲୀ ସରକାରରେ ମନ୍ତ୍ରୀ ଥିବା ସମୟରେ ୨୦୧୫ ଫେବ୍ରୁଆରିରୁ ୨୦୧୭ ମେ ମଧ୍ୟରେ ଆୟ ବର୍ହିଭୂତ ସମ୍ପତ୍ତି ସଂଗ୍ରହ କରିଥିବା ଅଭିଯୋଗ କରାଯାଇଥିଲା ।

# ପାଲେଷ୍ଟାଇନ ରାଷ୍ଟ୍ରକୁ ସ୍ୱୀକୃତି ଦେଲା ଫ୍ରାନ୍ସ

**ନୂଆଦିଲ୍ଲୀ,୨୩।୯** ଗାଜାରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଆଉ ଏକ ମହାଶକ୍ତି ପାଲେଷ୍ଟାଇନ ରାଷ୍ଟ୍ରକୁ ସ୍ୱୀକୃତି ଦେଇଛି । ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଫ୍ରାନ୍ସ ଜାତିସଂଘ ସାଧାରଣ ସଭାରେ ଏହା ଘୋଷଣା କରିଛି। ମଧ୍ୟପ୍ରାଚ୍ୟରେ ସଂଘର୍ଷର ଦୁଇ-ରାଷ୍ଟ୍ର ସମାଧାନ ପାଇଁ ସମର୍ଥନ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଆରମ୍ଭ ହେବା ସମୟରେ ଏହି ଘୋଷଣା କରାଯାଇଥିଲା । ଫରାସୀ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଘୋଷଣାକୁ ୧୪୦ରୁ ଅଧିକ ବିଶ୍ୱ ନେତାଙ୍କ ଉପସ୍ଥିତିରେ କରତାଳି ସହିତ ସ୍ୱାଗତ କରାଯାଇଥିଲା । ପାଲେଷ୍ଟାଇନ ପ୍ରତିନିଧିମଣ୍ଡଳୀ ଏବଂ ଜାତିସଂଘରେ ଏହାର ରାଷ୍ଟ୍ରଦୂତ ରିଆଦ ମନସୁର ଠିଆ ହୋଇ କରତାଳି ଦେଇଥିଲେ । ପୂର୍ବରୁ ବ୍ରିଟେନ, ଅଷ୍ଟ୍ରେଲିଆ ଓ କାନାଡା ମଧ ପାଲେଷ୍ଟାଇନକୁ ସ୍ୱୀକୃତି ଦେଇସାରିଛନ୍ତି । ଭାରତ ୮୦ ଦଶକରୁ ହିଁ ପାଲେଷ୍ଟାଇନକୁ ସ୍ୱୀକୃତି ଦେଇସାରିଛି । ମାକ୍ରନ କହିଛନ୍ତି, ମଧ୍ୟପ୍ରାଚ୍ୟରେ ଏବଂ ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଶାନ୍ତି ପ୍ରତି ମୋ ଦେଶର ଐତିହାସିକ ପ୍ରତିବଦ୍ଧତାକୁ ପାଳନ କରି, ମୁଁ ଆଜି ଘୋଷଣା କରୁଛି ଯେ ଫ୍ରାନ୍ସ ପାଲେଷ୍ଟାଇନ ରାଷ୍ଟ୍ରକୁ ସ୍ୱୀକୃତି ଦିଏ । ଇସ୍ରାଏଲ ଏବଂ ଆମେରିକାର ବିରୋଧ ସତ୍ତ୍ୱେ ଏହି ପଦକ୍ଷେପ ଆସିଛି, ଯେଉଁମାନେ ଏହି ସ୍ୱୀକୃତିକୁ ହମାସର ଅକ୍ଟୋବର ୭ ତାରିଖରେ ହୋଇଥିବା ଆକ୍ରମଣର ପୁରସ୍କାର ଭାବରେ ଦେଖନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ କହିଛନ୍ତି ଯେ ପାଲେଷ୍ଟାଇନଙ୍କ ପାଇଁ ରାଷ୍ଟ୍ର ମାନ୍ୟତା ଏକ ଅଧିକାର, ପୁରସ୍କାର ନୁହେଁ ।



# ନୂଆପଡ଼ାର ସାମଗ୍ରିକ ଉନ୍ନତି ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ : ମନମୋହନ

ନୂଆପଡ଼ା/ଭୁବନେଶ୍ୱର, ୨୩।୯ (ନି.ପ୍ର) : ନୂଆପଡ଼ା ଏକ ସମ୍ଭାବନା ଜିଲ୍ଲା। ଏଠାରେ କୃଷିଠାରୁ ଆରମ୍ଭ କରି ଶିଳ୍ପ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଏହି ଜିଲ୍ଲାରେ କୃଷିର ସୁବିଧାପାଇଁ ଜଳସେଚନ ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। କୃଷିଭିତିକ ଶିଳ୍ପ ପ୍ରତିଷ୍ଠା, ପ୍ରୋସେସିଂ ୟୁନିଟ୍, ଶୀତଳଭଣ୍ଡାର ଆଦି ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଠାରେ କିପରି ମାଛ ଚାଷ ଓ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ ସେନେଇ ବିଚାରବିମର୍ଶ ଚାଲିଛି। ନୂଆପଡ଼ାରେ କେଉଁ ଶିଳ୍ପ ପ୍ରତଷ୍ଠା ହୋଇପାରିବ ସେନେଇ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଏହି ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ନୂଆପଡ଼ାବାସୀଙ୍କ ଆଶା ଓ ବିଶ୍ୱାସ ବଢ଼ିବାରେ ଲାଗିଛି। ଆଗମୀ ଦିନରେ ନୂଆପଡ଼ାର ବିକାଶ ପାଇଁ ସମସ୍ତଙ୍କୁ ମିଳିତ ଭାବେ ପ୍ରୟାସ କରିବାକୁ ପଡ଼ିବ ବୋଲି ରାଜ୍ୟ ସଭାପତି ଭାବେ ପୁନର୍ବାର ଦାୟିତ୍ୱ ଗହଣ କରିବା ପରେ ନୂଆପଡ଼ା ଗସ୍ତରେ ଆସି ଶ୍ରୀ ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହଛନ୍ତି ଯେ, ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ଗୋଟିଏ ପରେ ଗୋଟିଏ ଯୋଜନା କରି ଚାଲିଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଯାହା କୁହନ୍ତି ତାହା କରନ୍ତି। ଦୀର୍ଘ ୧୧ବର୍ଷ ଧରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ହୋଇପାରିଛି। ଗରୀବ କଲ୍ୟାଣ ଯୋଜନା ଦ୍ୱାରା କୋଟି କୋଟି ପରିବାରଙ୍କର ଜୀବନର ମାନ ପରିବର୍ତିତ ହୋଇଛି। ଚାଷୀମାନଙ୍କ ରୋଜଗାର ବୃଦ୍ଧି ହୋଇଛି। ୮୦କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣାରେ ରାସନ ଯୋଗାଣ, ୫୦କୋଟି ନାଗରିକଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦିଆଯାଇଛି। କୋଟି କୋଟି ପରିବାର ଉଜ୍ଜ୍ୱଳା ଯୋଜନାରେ ରୋଷେଇ ଗ୍ୟାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ପାଇପାରିଛନ୍ତି। କୋଭିଡ୍ ମହାମାରୀ ପରେ ସମଗ୍ର ବିଶ୍ୱରେ ଭାରତ ସବୁଠାରୁ ଦ୍ରୁତ ଗତିରେ ନିଜର ଅର୍ଥନୀତିକୁ ସଜାଡିବାରେ ସମର୍ଥ ହୋଇଛି। ଜିଏସଟିରେ ସୁଧାର କରାଯାଇ ଗରିବ, ନିମ୍ନ ମଧବିତ, ମଧବିତ ବର୍ଗଙ୍କ ପାଇଁ ଐତିହାସିକ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ଦୈନନ୍ଦିନ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ହ୍ରାସ ପାଇବା କାରଣରୁ ଗରିବ, ମଧବିତ ପରିବାରର ଖର୍ଚ୍ଚ ମଧ ହ୍ରାସ ପାଇବ। ଓଡ଼ିଶାରେ ବିଜେପି ସରକାର ଗଠନ କରିବାର ମାତ୍ର ୨୪ ଘଂଟା ମଧ୍ୟରେ ପୁରୀ ଶ୍ରୀମନ୍ଦିରର ୪ ଦ୍ୱାରା ଖୋଲି ଦିଆଗଲା। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲାଯାଇ ମରାମତି କାର୍ଯ୍ୟ ଶେଷ କରଗଲା। ଧାନ କୁଇଂଟାଲ ପିଛା ସହାୟକ ମୂଲ୍ୟ ବୃଦ୍ଧି କରି ଚାଷୀଙ୍କ ଆୟ ଦୁଇଗୁଣିତ କରିବାରେ ସହାୟତା କରାଗଲା। ରାଜ୍ୟର ମା' ଓ ଭଉଣୀମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା



ଦେବାକୁ ବ୍ୟବସ୍ଥା କରାଗଲା। ଲକ୍ଷପତି ଦିଦି ଯୋଜନାରେ ଓଡ଼ିଶାର ମା' ଭଉଣୀମାନେ ଏବେ ୧ ନମ୍ବର ହେଲେଣି। ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱାସ୍ଥ୍ୟବୀମା ସହ ୩୫୦୦ଟଙ୍କା ଭତା ପ୍ରଦାନ କରିବାର ପ୍ରତିଶ୍ରୁତି ପୂରଣ କରିଛି। ସବୁ ଗ୍ରାମରେ ପକ୍କା ସଡ଼କ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ୭୫ ହଜାର କିଲୋମିଟର ରାସ୍ତା ଗଢ଼ିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ୧୫ ଲକ୍ଷ ହେକ୍ଟର ଜମିରେ ଜଳସେଚନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚେଷ୍ଟାରେ ଶିଳ୍ପ ପ୍ରତିଷ୍ଠା ପାଇଁ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି। ଏହାଦ୍ୱାରା ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି। ନୂତନ ଶିକ୍ଷାନୀତି ଓଡ଼ିଶାରେ ଲାଗୁ କରାଯାଇଛି। ଏହାଦ୍ୱାରା ଓଡ଼ିଶା ଆତ୍ମନିର୍ଭର ହୋଇପାରିବ। ଓଡ଼ିଶାର ଜନସାଧାରଣ ଯେପରି ଦାଦନ ଖଟିବାକୁ ବାହାରୁ ଯିବେ ନାହିଁ ସେଥିପାଇଁ ମୋହନ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ସଂକଳ୍ପପତ୍ରରେ ଦିଆଯାଇଥିବା ଗୋଟିଏ ପରେ ଗୋଟିଏ ପ୍ରତିଶ୍ରୁତି ପୂରଣ କରି ବିଜେପି ସରକାର ଲୋକଙ୍କ ଆସ୍ଥାଭାଜନ ହୋଇପାରିଛି। ଇତିମଧ୍ୟରେ ୨୧ ପ୍ରତିଶ୍ରୁତିରୁ ୧୧ଟି ପୂରଣ ହୋଇସାରିଛି। ବାକି ୭ଟି ପ୍ରତିଶ୍ରୁତି ମଧ ଖୁବ୍‌ଶୀଘ୍ର ପୂରଣ ହୋଇଯିବ। ବିଜେପି ଏବେ ସରକାରରେ ଅଛି। ପୂର୍ବରୁ ନୂଆପଡ଼ାରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରି ଓଡ଼ିଶାର ୧ନଂ.ଜିଲ୍ଲା ଭାବେ ଗଢ଼ି ତୋଳିବାକୁ ହେବ। ଏନେଇ ଏବେଠାରୁ ଦିନରାତି କଠିନ ପରିଶ୍ରମ କରିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଶ୍ରୀ ସାମଲ ନୂଆପଡ଼ା ଗସ୍ତରେ ଆସି ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକର୍ତା ସମ୍ମିଳନୀରେ ଯୋଗ ଦେଇଛନ୍ତି । ଏହି ଅବସରରେ ଖଡିଆଳଠାରେ ମା' ପାଇଁ ଗଛଟିଏ ଅଭିଯାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ସେବା ପକ୍ଷ ଅବସରରେ ରକ୍ତଦାନ ଶିବିରକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଉଦ୍‌ଘାଟନ କରିଥିଲେ। ଖଡ଼ିଆଳଠାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ସାମଲଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଖଡିଆଳ ଓ ନୂଆପଡ଼ାଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡି ଓ କଂଗ୍ରେସର ବହୁ ସରପଂଚ, ସମିତି ସଭ୍ୟ ଓ ପୂର୍ବତନ ସରପଂଚ ନିଜ ନିଜ ଶତାଧିକ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଥିଲେ। ଶ୍ରୀ ସାମଲଙ୍କ ଏହି ଗସ୍ତ ସମୟରେ ଖରିଆଳ, କୋମନା ଛକ ଓ ନୂଆପଡାଠାରେ କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ବିପୁଳ ସ୍ୱାଗତ ଜଣାଇଥିଲେ। ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲ ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ ମହାନ୍ତି, ରାଜ୍ୟ ସଂପାଦକ ସରୋଜ କର, ଖରିଆର ପୂର୍ବତନ ବିଧାୟକ ହିତେଶ ବଗର୍ତି, ନୂଆପଡ଼ା ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ, ବରିଷ୍ଠ ନେତା ସୁବ୍ରତ ଠାକୁର, ଯଦୁ ପାଣିଗ୍ରାହୀ, ପ୍ରସନ୍ନ ପାଢ଼ୀ, ଅଭିନନ୍ଦନ ପଣ୍ଡାଙ୍କ ସମେତ ରାଜ୍ୟ, ଜିଲ୍ଲା ଓ ମଣ୍ଡଳସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଚନ୍ଦ୍ରଶେଖର ମଣ୍ଡଳ ପକ୍ଷରୁ ସେବା ପକ୍ଷ ପାଳନ



ଭୁବନେଶ୍ୱର, ୨୩।୯ (ନି.ପ୍ର) : ଚନ୍ଦ୍ରଶେଖର ମଣ୍ଡଳ ପକ୍ଷରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୫ ତମ ଜନ୍ମ ଦିବସ ଉପଲକ୍ଷେ ସେବାପକ୍ଷ ପାଳନ ଅବସରରେ ମା ପାଇଁ ଗଛଟିଏ, ସ୍ୱଚ୍ଛ ଭାରତ ଓ ସ୍ୱଚ୍ଛସାଥୀ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀ ଦୁର୍ଗା ପଡିଆରେ ମଣ୍ଡଳ ସଭାପତି ନଗେନ ବିଶୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରୟଦର୍ଶୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ବୃକ୍ଷ ରୋପଣ କରିଥିଲେ। ସେ କହିଥିଲେ ସମସ୍ତ ଦେବ ଦୁର୍ଲଭ କର୍ମକର୍ତ୍ତା ଓ କର୍ମୀ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରି ଏହାର ଯତ୍ନ ନେବା ଆବଶ୍ୟକ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ୭ ନମ୍ବର ୱାର୍ଡ କର୍ପୋରେଟର ଯଶୋଧାରା ପ୍ରଧାନ, ୮ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ନିରୁପମା ଜେନା, ସେବାପକ୍ଷ ସଂଯୋଜକ ଅନଙ୍ଗ ବିକ୍ରମ ବିଶ୍ୱାଳ, ଚନ୍ଦ୍ରଶେଖର ମଣ୍ଡଳ ସାଧାରଣ ସମ୍ପାଦକ ଶିଶୀର ମହାରଣା, ସୁନୀଲ କୁମାର ରାୟଙ୍କ ସମେତ ସମସ୍ତ ନେତୃ ମଣ୍ଡଳୀ, କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପଡିଆ ସଫେଇ, ବୃକ୍ଷ ରୋପଣ, ସ୍ୱଚ୍ଛସାଥୀ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାୟଗଡ଼ ପୌର ପରିଷଦ ଦ୍ୱାରା ଚିହ୍ନଟ ଦୁଇଟି ସ୍ଥାନରେ ଚାଲିଛି ପରିବା ବ୍ୟବସାୟ

ରାୟଗଡ, ୨୩।୯ (ନି.ପ୍ର) : ରାୟଗଡ଼ ପୌର ପରିଷଦର ସମସ୍ତ ଅଧିବାସୀ ତଥା



ଜନସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଦୈନନ୍ଦିନ ପରିବା ବ୍ୟବସାୟ ପରିଷଦ ଦ୍ୱାରା ଚିହ୍ନିତ ଦୁଇଟି ସ୍ଥାନକୁ ସ୍ଥାନାନ୍ତର କରାଯାଇଅଛି ଯଥା ୧, ଏକ୍ସାଇଜ ଅଫିସ ନିକଟ ରାମକୃଷ୍ଣ ନଗର ୨, ଦୈନିକ ବଜାର, କସ୍ତୁରୀ ନଗର ୬ ନମ୍ବର ଗଳି । ଏଥି ସହିତ ଫ୍ଲାଏ ଓଭର ବ୍ରିଜ ତଳେ ଦୋକାନ ବଜାର ଓ ବ୍ୟବସାୟ ପାଇଁ ସମ୍ପୂର୍ଣ ନିଷେଧ କରାଯାଇଅଛି । ରାୟଗଡ଼ ସହରର ଉନ୍ନତି ତଥା ନିରାପଦ ଗମନାଗମନ ବ୍ୟବସ୍ଥା ପାଇଁ ସମସ୍ତ ଜନସାଧାରଣ ତଥା ବ୍ୟବସାୟୀ ସହଯୋଗର ହାତ ବଢାଇଥିବାରୁ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ କୁଳଦୀପ କୁମାର ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଉଦାରତା ବିଶିଷ୍ଟ ସମାଜ ସେବୀଙ୍କ ସାଜିଛି ଲୋକପ୍ରିୟତା



ଯୋଡା, ୨୩।୯ (ନି.ପ୍ର) : କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତ ଅନ୍ତର୍ଗତ ଚିଲିକାପଶି ଗ୍ରାମ ନିବାସୀ ସ୍ୱର୍ଗତ କରୁଣା କର ମହାନ୍ତଙ୍କ ଏକାଦଶାହ କ୍ରିୟା ଏକ ଶକାକୁଳ ପରିସ୍ଥିତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପରିବାର ପକ୍ଷରୁ ମା ତପସ୍ୱିନୀ ମହାନ୍ତ, ପୁଅ ଦୀପକ କୁମାର ମହାନ୍ତ ଓ ପରିବାର ବର୍ଗଙ୍କ ଦ୍ୱାରା ସମସ୍ତ ରୀତିନୀତି ଆଧାରରେ ତାଙ୍କ ଏକାଦଶାହ କ୍ରିୟା ସମ୍ପନ୍ନ ହୋଇଯାଇଛି । ଏପରି ଦୁଃଖର ପରିସ୍ଥିତିରେ ସାହାଯ୍ୟ ସହଯୋଗର ହାତ ବଢେଇଛନ୍ତି ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ । ବିଜେପି ଦଳର ଯୁବ ସମାଜସେବୀ ବିଜେପି ସଂଗଠକ ଦିବାକର ମହାନ୍ତ, ବଳରାମ ନାଏକ, ରଶ୍ମିତା ମହାନ୍ତ, ରଞ୍ଜିତ ମହାନ୍ତ, ଫୁଲମଣୀ ମହାନ୍ତ, ଲିପିକା ମହାନ୍ତ, ପୁଷ୍ପଲତା ମହାନ୍ତ ଓ ରୀନା ମହାନ୍ତଙ୍କ ସହିତ ଅନେକ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଅମର ଆତ୍ମାର ସଦଗତି ଓ ପରିବାର ପ୍ରତି ତାଙ୍କର ସଦା ସର୍ବଦା ଆଶିର୍ବାଦ ନିମନ୍ତେ ପ୍ରାର୍ଥନା କରିଥିବା ଦେଖିବାକୁ ମିଳିଛି । ଶ୍ରୀ ତ୍ରିପାଠୀ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଓ ଦଳୀୟ କାର୍ଯ୍ୟକର୍ତ୍ତା ମାନଙ୍କ ସୁଖ ଦୁଃଖରେ ସାମିଲ ହେବା ସହିତ ଲୋକ କଲ୍ୟାଣ କାର୍ଯ୍ୟରେ ନିଜକୁ ନିୟଜିତ କରୁଥିବା ଯୋଗୁଁ ତାଙ୍କର ଦିନକୁ ଦିନ ଲୋକପ୍ରିୟତା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି ଏବଂ କୌଣସି ବ୍ୟକ୍ତିଗତ ବ୍ୟସ୍ତତା ଥିଲେ ସେ ତାଙ୍କ ଦୋଳର ପ୍ରତିନିଧି ମାନଙ୍କ ହାତରେ ସାହାଯ୍ୟ ସହଯୋଗ ପଠାଇବା ତାଙ୍କ ଉଦାର ମନର ପରିଚୟ ସୃଷ୍ଟି କରୁଛି ।

# ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ଶାରଦୀୟ ନବରାତ୍ର ପୂଜା

ନବରଙ୍ଗପୁର, ୨୩।୯ (ନି.ପ୍ର) : ନବରଙ୍ଗପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ଶାରଦୀୟ ନବରାତ୍ର ପୂଜା ଆଜି ଠାରୁ ମହା ସମାରୋହରେ ଆରମ୍ଭ ହୋଇଛି। ଆଜି ଠାରୁ ମାଁଙ୍କ ନବରାତ୍ରି ପୂଜା ଆରମ୍ଭ ହେଉଥିବାରୁ ମାଁଙ୍କ ମାଜଣା ପାଇଁ ବାହାର କରାଯାଇଥିଲା। ଧୂପ, ଘଣ୍ଟଘଣ୍ଟା, ଢୋଲ, ନାଗରା ଭଳି ବୀର ବାଦ୍ୟରେ ମହାପଟୁଆରରେ ମାଁଙ୍କ ବିମାନରେ ପାଟ ଖଣ୍ଡା ବାହାରି ଦାରୁ ବନ୍ଧ ରେ ପହଂଚିଥିଲେ। ସେଠାରେ ମାଁଙ୍କ ମୁଖ୍ୟ ପୂଜକଙ୍କ ସହ ଅନ୍ୟାନ୍ୟ ସେବକ ମାନେ



ପାଟଖଣ୍ଡା ସର୍ବ ସାଧାରଣଙ୍କ ଦର୍ଶନ ପାଇଁ ବାହାର କରାଯାଇଛି। ମାଁ ଭଣ୍ଡାର ଘରଣୀଙ୍କ ପ୍ରତୀକାତ୍ମକ ପାଟ ଖଣ୍ଡା ପୀଠରେ ବିରଜାମାନ ପୂର୍ବକ ଭକ୍ତ ଙ୍କୁ ଦର୍ଶନ ଦେବେ। ପଶ୍ଚିମାମୁଖୀ ମାଁ ଭଣ୍ଡାରଘରଣୀ ନବରାତ୍ରି ରେ ପୂର୍ବାମୁଖୀ ହୋଇ ପାଟଖଣ୍ଡା ରୂପେ ଦର୍ଶନ ଦେବେ। ଆଜି ମାଁ ଙ୍କ ବିମାନରେ ପାଟଖଣ୍ଡାଙ୍କୁ ରଖି ବାହାର କରାଯାଇଥିଲା। ମାଁ ଭଣ୍ଡାର ଘରଣୀଙ୍କ ଅସ୍ତ୍ରଶସ୍ତ୍ର ସହ ଅନ୍ୟାନ୍ୟ ଆଭୂଷଣକୁ ପାଟଖଣ୍ଡାଙ୍କ ମାଜଣା କରିଥିଲେ। ସମସ୍ତ ଅସ୍ତ୍ରଶସ୍ତ୍ର ଓ ଯନ୍ତ୍ର ଗୁଡିକୁ ସଫା କରାଯାଇଥିଲା। ପରେ ପାରମ୍ପରିକ ରୀତିନୀତି ରେ ପୂଜକ ପୂଜାର୍ଚ୍ଚନା କରିଥିଲେ। ସେଠାରେ ମାଁ ଙ୍କ ପାଟଖଣ୍ଡା ଅସ୍ତ୍ର ଶସ୍ତ୍ର ସହିତ ମନ୍ଦିର କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପୂଜକ. ବିମାନ ରୁ ପାଟଖଣ୍ଡା କୁ ବାହାର କରି ବାହାର ବେଢାରେ ସ୍ଥାପିତ କରିଥିଲେ। ଆଜି ଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ମାଁ ପାଟଖଣ୍ଡା ରୂପେ ସର୍ବ ସାଧାରଣ ଙ୍କୁ ଦର୍ଶନ ଦେବେ। ମାଁ ଭଣ୍ଡାର ଘରଣୀ ଆଜି ଠାରୁ ଷଷ୍ଠୀ ପର୍ଯ୍ୟନ୍ତ ଚାରି ଧୂପରେ ଓ ସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚ ଧୂପରେ ପୂଜା ପାଇବେ।

ରାଜ ପରିବାର ସଦସ୍ୟଙ୍କ ଦ୍ୱାରା ଶୁଭ ଖୁଣ୍ଟି ପ୍ରତିଷ୍ଠା ପରେ ମହାଦୀପ ପ୍ରଜ୍ୱଳନ କରିବା ପରେ ମାନସିକ ଧାରୀ ମାନଙ୍କ ଦୀପ ପ୍ରଜ୍ୱଳନ କରାଯାଇଥାଏ । ମା'ଙ୍କ ଦର୍ଶନ ପାଇ ଭାବ ବିହ୍ୱଳ ହୋଇ ଉଠିଛନ୍ତି ଭକ୍ତ । ଏହି ସାବରୀ ତନ୍ତ୍ର ପୀଠରେ ମା'ଙ୍କୁ ଯାହା ମନାସିଲେ ତାହା ମିଳିଥାଏ ବୋଲି ସମସ୍ତଙ୍କ ମନରେ ଗଭୀର ବିଶ୍ୱାସ । ଧରା ପୃଷ୍ଠରେ ମା ଙ୍କ ଆଗମନକୁ ନେଇ ଚଳ ଚଞ୍ଚଳ ହୋଇ ଉଠିଛି ଗାଁ ଠୁ ସହର ଆଉ ଏହି ପୀଠରେ ଭକ୍ତଙ୍କ ବିପୁଳ ସମାଗମକୁ ଦୃଷ୍ଟି ଆଗରେ ରଖି ଭକ୍ତଙ୍କ ସୁବିଧା ସକାଶେ ସମସ୍ତ ପ୍ରସ୍ତୁତି କରିଛି ମନ୍ଦିର କମିଟି ଓ ପ୍ରଶାସନ । ବିଜୟା ଦଶମୀରେ ଲାଖ ବିନ୍ଧା ଯାତ୍ରା ସହ ଶାରଦୀୟ ନବରାତ୍ରି ଉତ୍ସବ ଶେଷ ହେବ। ନବରାତ୍ରି ଉପଲକ୍ଷେ ମାଁ ଙ୍କ ପୀଠ ରେ ୧୨ ଶହ ଦୀପ ଲାଗିଥିବା ବେଳେ ଭକ୍ତ ମଧ ମା'ଙ୍କ ପୂଜା ପ୍ରାରମ୍ଭକୁ ନେଇ ଉତ୍ସାହିତ ଅଛନ୍ତି ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟର ଶୁଭାରମ୍ଭ



ଯୋଡ଼ା, ୨୩।୯ (ନି.ପ୍ର) : କେନ୍ଦୁଝର ଜିଲ୍ଲା ଯୋଡ଼ା ମ୍ୟୁନିସିପାଲଟି ରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟ କ୍ରମ ଗତ ସୋମବାର ଦିବା ଦଶ ଦଶ ଘଟିକା ରୁ ଶୁଭାରମ୍ଭ ହୋଇ ଯାଇଅଛି। ତେବେ ଏହି କାର୍ଯ୍ୟ କ୍ରମ ଯୋଡ଼ା ବସଷ୍ଟାଣ୍ଡ ରେ ଯୋଡ଼ା ମା ମାନଙ୍କର ରଙ୍ଗୋଲି କାର୍ଯ୍ୟ ରୁ ଆରମ୍ଭ ହୋଇ ପରିବା ମାର୍କେଟ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ ଦିବା ଦୁଇ ଘଟିକା ପର୍ଯ୍ୟନ୍ତ ଚାଲିଥିଲା।ଏହି କାର୍ଯ୍ୟ କ୍ରମ ରେ ପୌରାଧ୍ୟକ୍ଷ ଶ୍ରୀଯୁକ୍ତ ଡକ୍ଟର ଜଗଦୀଶ ପ୍ରସାଦ ସାହୁ,ପ୍ରତ୍ୟେକ ୱାର୍ଡ ର ୱାର୍ଡ ସଭ୍ୟ,ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ପବନ ସିଂ ରଣା,ଯୋଡ଼ା ବ୍ଲକ ଅଧିକାରୀ ଶ୍ରୀନିବାସ ବେହେରା ଏବଂ ପୌରପାଳିକାର ସମସ୍ତ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ।

# କଳାହାଣ୍ଡିରେ ସ୍ୱଚ୍ଛତା ହିଁ ସେବା ପକ୍ଷ - ୨୦୨୫ ଅଭିଯାନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ଭବାନୀପାଟଣା: ୨୩।୯ (ନି.ପ୍ର) : କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ପୌରପାଳିକା ଭବାନୀପାଟଣା ମିଳିତ ଉଦ୍ୟମରେ ଚଳିତ ମାସ ସେପ୍ଟେମ୍ବର ୧୭ ତାରିଖରୁ ସ୍ୱଚ୍ଛତା ହିଁ ସେବା ପକ୍ଷ ୨୦୨୫ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅବସରରେ ବୃକ୍ଷ ରୋପଣ, ସହରର ବିଭିନ୍ନ ମନ୍ଦିର ପରିସର ସଫା ସୁତୁରା, ପତଞ୍ଜଳୀ ଯୋଗ ସମିତିର ସଦସ୍ୟ ମାନଙ୍କୁ ନେଇ ଯୋଗ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ତର୍କ, ସ୍ଲୋଗାନ୍, କୁଇଜ୍ ଏବଂ ୱେଷ୍ଟ ଟୁ ଆର୍ଟ୍ ପ୍ରତିଯୋଗିତା ସବୁ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ପ୍ରତ୍ୟେକ ଦିନ ସହରର ବିଭିନ୍ନ ସ୍ଥାନକୁ ସଫା ସୁତୁରା କାର୍ଯ୍ୟକ୍ରମ ଚାଲୁରହିଛି। ଆଜି ସକାଳ ୬.୩୦ ମି ସମୟରେ ପୁରୁଣାପ ଡା ଆଶ୍ରୟସ୍ଥଳୀ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖର ରାସ୍ତା ପରିସରରେ ସାମୁହିକ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ,ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ନିର୍ବାହୀ ଅଧିକାରୀ,ଅନିମେସ ପ୍ରଧାନ ,ଭାରତୀୟ ପ୍ରଶାସନିକ ସେବା(ପ୍ରବେସନ) ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହ ନିର୍ଦ୍ଦେଶ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକ। ନନ୍ଦ ମହାନନ୍ଦ,ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଶିବାଜୀ ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମି କହଁର,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମଜିବୁନ ନିଶାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ,କର୍ମଚାରୀ,ସ୍ଥାନୀୟ ବାସିନ୍ଦା,ସଦସ୍ୟ,ସ୍ୱୟଂ ସହାୟକ ଗୋଷ୍ଠୀ ର କର୍ମକର୍ତ୍ତା, ଗଣମାଧ୍ୟମ ର ପ୍ରତିନିଧି ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଅଭିଯାନ ର ସଫେଇ କାର୍ଯ୍ୟକ୍ରମ ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସଫେଇ କାର୍ଯ୍ୟକ୍ରମ ଆରମ୍ଭରୁ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ ଉପସ୍ଥିତ ସମସ୍ତ ଙ୍କୁ ସ୍ୱଚ୍ଛତା ଶପଥପାଠ କରାଇଥିଲେ ।



ପରିମଳ ଜରିଆରେ ଦେଶମାତୃକା ର ସେବା କରିବା, ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧ ରହି ସମୟ ଉତ୍ସର୍ଗ କରିବା, ସ୍ୱେଚ୍ଛାକୃତ ଭାବେ ସପ୍ତାହକୁ ଦୁଇ ଘଣ୍ଟା ହିସାବରେ ପ୍ରତିବର୍ଷ ଅନ୍ୟୁନ ସହେ ଘଣ୍ଟା ସ୍ୱଚ୍ଛତା ପାଇଁ ଖର୍ଚ୍ଚ କରିବା, ଏଣେତେଣେ ଅଳିଆ ନ ପକାଇ ନିଜ ପରିବାର, ସ୍ୱସ୍ଥାନ,ଗ୍ରାମ ଏବଂ କର୍ମକ୍ଷେତ୍ର ରୁ ହିଁ ସ୍ୱଚ୍ଛତା ର ଅଭିଯାନ ଆରମ୍ଭ କରିବା, ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତା ପ୍ରଚାର କରିବା,ନିଜେ ନେଇ ଥିବା ପ୍ରତ୍ୟେକ ପଦକ୍ଷେପ କିପରି ଦେଶକୁ ସ୍ୱଚ୍ଛ କରିବାରେ ସହାୟକ ହେବ ସେସମ୍ପର୍କରେ ସମସ୍ତେ ଶପଥପାଠ କରିଥିଲେ। ନିଜ କାର୍ଯ୍ୟାଳୟରେ ରଖାଯାଇଥିବା ଦୁଇଟି ଡଷ୍ଟ ବିନରେ ବ୍ଲୁ ରେ ଶୁଖିଲା ଓ ଗ୍ରୀନ୍ ରେ ଓଦା ଆବର୍ଜନା ସଂଗୃହୀତ କରି ମ୍ୟୁନିସିପାଲଟି ର ନିୟୋଜିତ ଗାଡି ରେ ନିୟମିତ ଦେବା ପାଇଁ ସମସ୍ତ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ। ସହରର ପ୍ରତ୍ୟେକ ନାଗରିକ ଏଥି ପ୍ରତି ସଚେତନ ହେବା ସହିତ ସ୍ୱଚ୍ଛତା ସେବା ଅଭିଯାନ ରେ ପୂର୍ଣ ସହଯୋଗ କରିବା ପାଇଁ ଅପିଲ କରାଯାଇଥିଲା। ପୌରପାଳିକା ର ୟୁଜର ଫିଜ ଠିକ୍ ସମୟରେ ପୈଠ କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଥିଲା।

ଆଜିର ସଫେଇ ଅଭିଯାନରେ ୪୪୮.୫ kg, ର ଅଦରକାରୀ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା ଏହା ରିସାଇକ୍ଲିଂ ପାଇଁ ଦିଆଯିବ । ଚଳିତ ମାସ ୨୫ ତାରିଖ ଦିନ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ର ଛାତ୍ରଛାତ୍ରୀ, ନେହେରୁ ଯୁବ କେନ୍ଦ୍ର,ନାଗରିକ ମାନଙ୍କୁ ନେଇ କଲେଜ ଛକ ଠାରୁ କେସିଙ୍ଗା ରାସ୍ତା ରେ ସାମୁହିକ ସଫେଇ ଅଭିଯାନ ଆରମ୍ଭ ହେବ, ସେହିପରି ଆସନ୍ତା ୨୭ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ସାଇଧାମ ପର୍ଯ୍ୟନ୍ତ ସ୍ୱଚ୍ଛତା ଗଣଦୌଡ, ୨୮ ତାରିଖ ଦିନ ସନ୍ଧ୍ୟାରେ ସ୍ଥାନୀୟ ଟାଉନହଲ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଅକ୍ଟୋବର ୨ ତାରିଖ ଦିନ ସ୍ୱଚ୍ଛତା ହିଁ ସେବା ଅଭିଯାନର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। କଳାହାଣ୍ଡି ଜିଲ୍ଲା କୁ ଏକ ସ୍ୱଚ୍ଛ, ସବୁଜ, ସୁନ୍ଦର ଜିଲ୍ଲା ଭାବରେ ଗଢିତୋଳିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ ର ଆବଶ୍ୟକତା ଉପରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଗୁରୁତ୍ୱ ଦେଇଥିଲେ। ଶେଷରେ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ ସ୍ୱଚ୍ଛତା ଅଭିଯାନ ରେ ଅଂଶଗ୍ରହଣ କରିଥିବା ସମସ୍ତ ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଗଣମାଧ୍ୟମ ର ପ୍ରତିନିଧି ସମସ୍ତ ଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଭୁବନେଶ୍ୱର ଜିଲ୍ଲା ଅଭିଯାନ, ଶତାଧିକ ମୁରବୀ ସାମିଲ




ଭୁବନେଶ୍ୱର, ୨୩।୯ (ନି.ପ୍ର) : ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା କରିବା ଦାବିରେ ଭୁବନେଶ୍ୱର ରେ ଦସ୍ତଖତ ସଂଗ୍ରହ କରାଯାଇଛି। ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ଜିଲ୍ଲା ହେବା ଯଥାର୍ଥ ବୋଲି ମୁରବୀମାନେ ମତ ଦେଇଛନ୍ତି। ଆଜି ବୃନ୍ଦ ମନ୍ଦିର ନିକଟରେ ଶତାଧିକ ମୁରବୀ ସାମିଲ ହୋଇ ଦସ୍ତଖତ କରିବା ସହ ଏହି ଅଭିଯାନରେ ସାମିଲ ହୋଇଥିଲେ। ଏଥିରେ ଶାନ୍ତି କମିଟି ସଭାପତି ଡ଼ ମଧୁମାଧବ ଜେନା, ନାରାୟଣ ମହାପାତ୍ର, ରଶ୍ମୀ ମହାପାତ୍ର, ରାଜେନ୍ଦ୍ର ସମର୍ଥା, ସଂଗ୍ରମା ପାଇକରାୟ, ନବ କିଶୋର ବେହେରା, କୃଷ୍ଣ ଚନ୍ଦ୍ର ପତି, ସମରେନ୍ଦ୍ର ସାହୁ, ଯୁଗଳକିଶୋର ସାହୁ, ହାସନ ଖାଁ, ବିଜୟ ପାତ୍ର, ସରୋଜ ମଲିକ, ଚିତ୍ରଲେଖା ଆଚାର୍ଯ୍ୟ, ଆଶାଲତା ରାଉତରାୟ, ଭୁବନେଶ୍ୱର ଜିଲ୍ଲା ଅଭିଯାନ ମୁଖ୍ୟ ଲିଙ୍ଗରାଜ ସାହୁ ସମେତ ଶତାଧିକ ଶତାଧିକ ମୁରବୀ ସାମିଲ ହୋଇଥିଲେ। ଭୁବନେଶ୍ୱରକୁ ଜିଲ୍ଲା ପାଇଁ ଅଭିଯାନରେ ବିଭିନ୍ନ ଅନୁଷ୍ଠାନ ମାନଙ୍କ ସମଷ୍ଟିର ସ୍ୱର 'ମିଳିତ ମହାମଂଚ' ପକ୍ଷରୁ ଭୁବନେଶ୍ୱର ଉପକଣ୍ଠର ଗ୍ରାମବାସୀ, ବାଲିପାଟଣା, ବାଲିଅନ୍ତା, ନଖରା, ବିଭନ୍ନ ବାଲିଯାତ୍ରା, ଭୁବେନେଶ୍ୱର କୋର୍ଟ ସମେତ ଦୁଇ ବର୍ଷହେଲା ଭୁବନେଶ୍ୱର ବିଭିନ୍ନ ପୂଜା କମିଟି ମୁରବୀଙ୍କ ସ୍ୱାକ୍ଷର ସଂଗ୍ରହ ଚାଲୁ ରହିଛି। ନିକଟରେ ସରକାରଙ୍କ ନିକଟରେ ଉପସ୍ଥାପନା କରାଯିବ ବୋଲି ନିଷ୍ପତି ହୋଇଛି।

# କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ‘ଷ୍ଟାର୍ଟଅପ୍ ସମ୍ମିଳନୀ ୨୦୨୫’ ଉଦଘାଟନ

ନୂଆଦିଲ୍ଲୀ, ୨୩।୯ : କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଗୁଜରାଟର ଗାନ୍ଧୀନଗରରେ ‘ଷ୍ଟାର୍ଟଅପ୍ ସମ୍ମିଳନୀ ୨୦୨୫’ର ଉଦଘାଟନ କରିଛନ୍ତି। ଏହି ଅବସରରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଶ୍ରୀ ଶାହ କହିଥିଲେ ଯେ, ଏହି ସମ୍ମିଳନୀରେ ଷ୍ଟାର୍ଟଅପ୍ ଜଗତରେ ଭାରତର ପରିଚୟ ପ୍ରତିଷ୍ଠା କରିବା ଏବଂ ଆହ୍ୱାନର ସମାଧାନ ଖୋଜିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମିଶନର ସମସ୍ତ ଦିଗ ଉପରେ ବିଚାର-ବିମର୍ଶ କରାଯିବ। ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି ତିନୋଟି ମନ୍ତ୍ର: ନବସୃଜନ, ଆଗକୁବଢ଼ିବା ଏବଂ ଗତିଦେବା । ଦୁଇ ଦିନ ମଧ୍ୟରେ, ବିଭିନ୍ନ ବିଷୟ ଉପରେ ସାତଟି ଅଧିବେଶନରେ ଆଲୋଚନା ଅନୁଷ୍ଠିତ ହେବ, ଯାହା ଉଦୀୟମାନ ଷ୍ଟାର୍ଟଅପ୍ ଗୁଡ଼ିକୁ ନିବେଶକଙ୍କ ସହ ଯୋଡ଼ିବା ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ‘ମାଇଣ୍ଡ ଟୁ ମାର୍କେଟ୍’ ମନ୍ତ୍ରକୁ ସାକାର କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ। ସେ କହିଥିଲେ, ଏହି କାର୍ଯ୍ୟକ୍ରମ ସମୟରେ ଭାରତୀୟ ଜ୍ଞାନ ବ୍ୟବସ୍ଥାର ସଂକଳନ ମଧ୍ୟ ଆରମ୍ଭ କରାଯାଇଥିଲା। ଏହି ବ୍ୟବସ୍ଥାରେ ଆୟୁର୍ବ ?ଦ, ଶାସ୍ତ୍ରୀୟ କଳା, ସ୍ଥାପତ୍ୟ, ଗଣିତ, ଦର୍ଶନ, ବିଜ୍ଞାନ, ମହାକାଶ ଏବଂ ପରିବେଶ ଭଳି କ୍ଷେତ୍ରରେ ବିଶ୍ୱର ସର୍ବଶ୍ରେଷ୍ଠ ଜ୍ଞାନ ରହିଛି। ପ୍ରଧାନମନ୍ତ୍ରୀ ମୋଦୀ ନୂତନ ଶିକ୍ଷା ନୀତି ମାଧ୍ୟମରେ ଭାରତୀୟ ଜ୍ଞାନ ବ୍ୟବସ୍ଥା ଉପରେ ଗବେଷଣା ଏବଂ ଅଧ୍ୟୟନ ପାଇଁ ଏକ ଭର୍ଟିକାଲ ସୃଷ୍ଟି କରିଛନ୍ତି, ଯାହା ଭାରତର ଯୁବକମାନଙ୍କ ପାଇଁ ଏହି ଭଣ୍ଡାର ଖୋଲିଛି। ଏହି ଜ୍ଞାନର ଲାଭ ଉଠାଇ ଯୁବ ଭାରତୀୟମାନେ ବିଶ୍ୱସ୍ତରୀୟ ଗବେଷଣା କରିପାରିବେ।

କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ, ୨୦୧୪ ପୂର୍ବରୁ ଭାରତୀୟ ଯୁବକମାନଙ୍କୁ ଷ୍ଟାର୍ଟଅପ୍ କ୍ଷେତ୍ରରେ ନବସୃଜନ କରିବା, ଗବେଷଣା କରିବା କିମ୍ବା ସେମାନଙ୍କ ବିଚାରକୁ କାର୍ଯ୍ୟକାରୀ କରିବା ପାଇଁ ଦେଶ ଛାଡ଼ିବାକୁ ପଡୁଥିଲା। ୨୦୦୦ ମସିହାରେ, ଭାରତରେ ଷ୍ଟାର୍ଟଅପ୍, ସିଷ୍ଟମ୍ କିମ୍ବା ଇକୋସିଷ୍ଟମ୍ ବିଷୟରେ କୌଣସି ଧାରଣା ନଥିଲା। ୨୦୧୪ ସୁଦ୍ଧା, ୫୦୦ରୁ କମ୍ ଷ୍ଟାର୍ଟଅପ୍ ଥିଲା, ଏବଂ ଷ୍ଟାର୍ଟଅପ୍ ସ୍ୱପ୍ନ କେବଳ ସମୃଦ୍ଧ ପୃଷ୍ଠଭୂମିର ପିଲାମାନଙ୍କ ପାଇଁ ସମ୍ଭବ ଥିଲା। ସେ ଗୁରୁତ୍ୱାରୋପ କରିଥିଲେ, ବିଗତ ଦଶ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ୨୦୧୬ରେ ଷ୍ଟାର୍ଟଅପ୍ ଇଣ୍ଡିଆର ଶୁଭାରମ୍ଭ କରିଥିଲେ ଏବଂ ଆଜି ଭାରତ ଏକ ବିଶ୍ୱସ୍ତରୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମ ନିର୍ମାଣ କରିବାରେ ଦ୍ରୁତ ଅଭିବୃଦ୍ଧିଶୀଳ ଦେଶରେ ପରିଣତ ହୋଇଛି। ଷ୍ଟାର୍ଟଅପ୍ ଇଣ୍ଡିଆ ଜରିଆରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ଯୁବକମାନଙ୍କୁ ନିଯୁକ୍ତି ସନ୍ଧାନକାରୀରୁ ନିଯୁକ୍ତି ସୃଷ୍ଟିକାରୀରେ ପରିଣତ କରିବାର ସ୍ୱପ୍ନ ପୂରଣ କରିଛନ୍ତି। ସେ ଷ୍ଟାର୍ଟଅପ୍



ଗୁଡ଼ିକୁ କେବଳ ଲାଭ ଅର୍ଜନ କରୁଥିବା ସଂସ୍ଥାଗୁଡ଼ିକ ଠାରୁ ଆଗକୁ ବଢ଼ାଇ ସେମାନଙ୍କୁ ଆତ୍ମନିର୍ଭରଶୀଳତାର ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣରେ ପରିଣତ କରିଛନ୍ତି। ଷ୍ଟାର୍ଟଅପ୍ ଇକୋସିଷ୍ଟମ ଦେଶର ଅନେକ ଆହ୍ୱାନର ମୁକାବିଲା କରିବା, ନବସୃଜନକୁ ତ୍ୱରାନ୍ୱିତ କରିବା ଏବଂ ଯୁବ ସୃଜନଶୀଳତା ପାଇଁ ସୁଯୋଗ ପ୍ରଦାନ କରିବା ପାଇଁ ଏକ ପ୍ଲାଟଫର୍ମରେ ପରିଣତ ହୋଇଛି।

ଶ୍ରୀ ଶାହ କହିଥିଲେ, ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ଆଠ ବର୍ଷ ମଧ୍ୟରେ ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ପରିଣତ ହୋଇଛି। ଅଧିକନ୍ତୁ, ଗତ ଦଶ ବର୍ଷ ମଧ୍ୟରେ, ଭାରତ ତୃତୀୟ ସର୍ବବୃହତ ଡିଜିଟାଲ ଇକୋସିଷ୍ଟମ ଭାବେ ମଧ୍ୟ ଉଭା ହୋଇଛି, ଯାହା ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସଶକ୍ତ କରିଛି। ଡିଜିଟାଲ ଇକୋସିଷ୍ଟମ ଦ୍ରୁତ ଗତିରେ ଯୁବକମାନଙ୍କ ବିଚାର, ଦୂରଦୃଷ୍ଟି ଏବଂ ସାହସକୁ ଦେଶ ତଥା ବିଶ୍ୱର ଅଗ୍ରଭାଗକୁ ଆଣିଥାଏ। ୨୦୧୫ରେ ବିଶ୍ୱ ନବସୃଜନ ସୂଚକାଙ୍କରେ ଭାରତର ସ୍ଥାନ ୯୧ତମ ଥିଲା ଏବଂ ଆଜି ଏହା ୩୮ତମ ସ୍ଥାନରେ ପହଞ୍ଚିଛି। ସେ କହିଥିଲେ, ଆଗାମୀ ତିନି ବର୍ଷ ମଧ୍ୟରେ ଭାରତ ବିଶ୍ୱ ନବସୃଜନ ସୂଚକାଙ୍କରେ ଶ୍ରେଷ୍ଠ ଦଶଟି ଦେଶ ମଧ୍ୟରେ ସ୍ଥାନ ପାଇବ ଏବଂ ଆଗାମୀ ବର୍ଷଗୁଡ଼ିକରେ ବିଶ୍ୱ ନବସୃଜନର ନେତୃତ୍ୱ ନେବ।

ଶ୍ରୀ ଶାହ କହିଛନ୍ତି, ମୋଦୀ ସରକାରଙ୍କ ୧୧ ବର୍ଷର କାର୍ଯ୍ୟକାଳରେ ଦେଶରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିବାକୁ ମିଳିଛି, ଯେଉଁଥିରେ ଷ୍ଟାର୍ଟଅପ୍ ଇକୋସିଷ୍ଟମର ସମ୍ପ୍ରସାରଣ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ପ୍ରୟାସ କରାଯାଇଛି। ଏହି ସମ୍ପ୍ରସାରଣର ଶ୍ରେୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଇକୋସିଷ୍ଟମ ସହିତ ଛାତ୍ରଛାତ୍ରୀ ଏବଂ ଯୁବକମାନଙ୍କୁ ମଧ୍ୟ ଯାଉଛି। ସେ କହିଥିଲେ, ଷ୍ଟାର୍ଟଅପ୍ ସଂଖ୍ୟା ୨୦୧୪ରେ ୫୦୦ରୁ ବୃଦ୍ଧି ପାଇ ଆଜି ୧ ଲକ୍ଷ ୯୨ ହଜାରରେ ପହଞ୍ଚିଛି, ଯାହାକି ୩୮୦ ଗୁଣ ବୃଦ୍ଧି ପାଇଛି। ସେହିଭଳି, ୟୁନିକର୍ଣ୍ଣ ଷ୍ଟାର୍ଟଅପ୍ ସଂଖ୍ୟା ୨୦୧୪ ମସିହାରେ ମାତ୍ର ୪ ରୁ ଆଜି ୧୨୦ ରୁ ଅଧିକକୁ ବୃଦ୍ଧି ପାଇଛି, ଯାହାର ମୋଟ ମୂଲ୍ୟ ୩୫୦ ବିଲିୟନ ଡଲାରରୁ ଅଧିକ। ଶ୍ରୀ ଶାହ ଗୁରୁତ୍ୱାରୋପ କରିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଇକୋସିଷ୍ଟମର ଲାଭ ଉଠାଇବା ଦ୍ୱାରା, ୟୁନିକର୍ଣ୍ଣ ଷ୍ଟାର୍ଟଅପ୍ ସୃଷ୍ଟି କରିବା ପାଇଁ ପ୍ରତିଭାମାନଙ୍କୁ କିପରି ଉପଯୋଗ କରାଯାଇପାରିବ ତାହା ଏହା ଦର୍ଶାଉଛି। ପ୍ରତ୍ୟେକ ଦିଗରେ ସମ୍ପ୍ରସାରଣ ପାଇଁ ଷ୍ଟାର୍ଟଅପ୍ ସହିତ ସହଯୋଗ କରିବାକୁ ସେ ଶିଳ୍ପ ଅଂଶୀଦାରମାନଙ୍କୁ ଅନୁରୋଧ କରିଥିଲେ।

କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ଭାରତରେ ବର୍ତ୍ତମାନ ଆଇ. ଟି. କ୍ଷେତ୍ରରେ ୨୧,୦୦୦ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧୭,୦୦୦ ଷ୍ଟାର୍ଟଅପ୍ ରହିଛି। ଅଧିକନ୍ତୁ, କୃଷି, ସେବା କ୍ଷେତ୍ର ଏବଂ ଶିକ୍ଷା କ୍ଷେତ୍ରରେ ୧୧,୦୦୦ଟି ଲେଖାଏଁ ଷ୍ଟାର୍ଟଅପ୍ ରହିଛି। ସେ ଆହୁରି ମଧ୍ୟ କହିଛନ୍ତି, ଷ୍ଟାର୍ଟଅପ୍ଗୁଡ଼ିକ ଭାରତର ୭୭୦ଟି ଜିଲ୍ଲାକୁ ସେମାନଙ୍କର ପ୍ରସାର ବିସ୍ତାର କରିଛନ୍ତି, ଯାହା ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମର ଶକ୍ତିକୁ ଦର୍ଶାଉଛି। ଅଧିକନ୍ତୁ, ୪୮% ଷ୍ଟାର୍ଟଅପ୍ ମହିଳାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ଉତ୍ତର-ପୂର୍ବରେ ୯୦୦ ଷ୍ଟାର୍ଟଅପ୍ ମହିଳାମାନଙ୍କ ଦ୍ୱାରା ପରିଚାଳିତ। ଶ୍ରୀ ଶାହ କହିଥିଲେ ଯେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଏପର୍ଯ୍ୟନ୍ତ ୧୭.୯ ଲକ୍ଷ ଲୋକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିଛି।

ଶ୍ରୀ ଶାହ କହିଛନ୍ତି, ୨୦୧୪ ମସିହାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଷ୍ଟାର୍ଟଅପ୍ ପାଇଁ ଏକ ସକରାତ୍ମକ ପରିବେଶ ସୃଷ୍ଟି କରିଛନ୍ତି ଏବଂ ସେମାନଙ୍କର ଅଭିବୃଦ୍ଧି ପାଇଁ ଆର୍ଥିକ, ନୀତି, ଭିତ୍ତିଭୂମି, ବ୍ୟାଙ୍କିଙ୍ଗ୍ ଏବଂ ଶିଳ୍ପ ସହାୟତା ପ୍ରଦାନ କରିଛନ୍ତି। ୧୦ ହଜାର କୋଟି ଟଙ୍କାର ପାଣ୍ଠି ପ୍ରତିଷ୍ଠା କରାଯାଇଛି, ୯୪୫ କୋଟି ଟଙ୍କାର ଏକ ଷ୍ଟାର୍ଟଅପ୍ ଇଣ୍ଡିଆ ସିଡ୍ ପାଣ୍ଠି ଆରମ୍ଭ କରାଯାଇଛି, ସର୍ବାଧିକ ଋଣ ସୀମାକୁ ୧୦ କୋଟି ଟଙ୍କାରୁ ୨୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଧାରଣାର ପ୍ରମାଣ ପାଇଁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ମଞ୍ଜୁର କରାଯାଇଛି ଏବଂ ପ୍ରୋଟୋଟାଇପ୍ ବିକାଶ ପାଇଁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ମଞ୍ଜୁର କରାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ମେକ୍ ଇନ୍ ଇଣ୍ଡିଆର ଶୁଭାରମ୍ଭ କରିଛନ୍ତି, ୧୪ଟି ପ୍ରମୁଖ କ୍ଷେତ୍ରରେ ପିଏଲଆଇ ଯୋଜନା ଆରମ୍ଭ କରିଛନ୍ତି। ୪୦,୦୦୦ରୁ ଅଧିକ ଅନୁପାଳନକୁ ହଟାଇ ଦେଇଛନ୍ତି ଏବଂ ୩୪୦୦ରୁ ଅଧିକ ଆଇନକୁ ଅପରାଧିକ ଆଇନର ଶ୍ରେଣୀରୁ ହଟାଇ ଦେଇଛନ୍ତି।

# ରାଜ୍ୟ ଆଇନ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି

ନୂଆଦିଲ୍ଲୀ/ଭୁବନେଶ୍ୱର, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଓଡ଼ିଶାର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପତ୍ର ଲେଖି ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଦେବା ପାଇଁ ଅନୁରୋଧ କରିଛନ୍ତି ।

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଶ୍ରୀମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ ଏକ ପ୍ରାଚୀନ ଅନୁଷ୍ଠାନ । ଏହା ସାଂସ୍କୃତିକ ଏବଂ ଐତିହାସିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ରଖୁଛି । ଏହି ପ୍ରାଚୀନ ଅନୁଷ୍ଠାନଟି ତତ୍କାଳୀନ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଏହି ବିଦ୍ୟାଳୟ ସେବାୟତଙ୍କ ପିଲାମାନଙ୍କୁ ସଂସ୍କୃତ ଶିକ୍ଷା, ବୈଦିକ ଶିକ୍ଷା ଏବଂ କର୍ମକାଣ୍ଡ ପ୍ରଶିକ୍ଷଣ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ବିଦ୍ୟାଳୟ ବର୍ତ୍ତମାନ ପୂଜା ପଣ୍ଡା ନିଯୋଗ ଦ୍ୱାରା ପରିଚାଳିତ ଏକ ସହାୟତାପ୍ରାପ୍ତ ବିଦ୍ୟାଳୟ ଭାବରେ କାର୍ଯ୍ୟ କରୁଛି । ଏହାର ନାମରେ ଏକ ସ୍ଥାୟୀ ରେକର୍ଡ ଅଫ୍ ରାଇଟ୍ସ ମଧ୍ୟ ରହିଛି । ପାରମ୍ପରିକ ଜ୍ଞାନର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର କରିବା, ଆଧ୍ୟାତ୍ମିକ କାର୍ଯ୍ୟ ପାଇଁ ଏକ ମାଧ୍ୟମ ଭାବରେ ସଂସ୍କୃତକୁ ପ୍ରୋତ୍ସାହିତ କରିବା ଏବଂ ଶ୍ରୀ ଜଗନ୍ନାଥ ମନ୍ଦିରର ଅନନ୍ୟ ସାଂସ୍କୃତିକ ଏବଂ ଧାର୍ମିକ ଐତିହ୍ୟକୁ ସୁରକ୍ଷା ଦେବା ହେଉଛି ବିଦ୍ୟାଳୟର ମୂଳ ଲକ୍ଷ୍ୟ । ଏହି ମର୍ମରେ ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଏବଂ ପ୍ରଶାସନ ଭାର ଓଡିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଆଣିବା ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଅନୁରୋଧ କରିଛନ୍ତି । ଏହା ଦ୍ୱାରା ବିଦ୍ୟାଳୟର ସାମଗ୍ରିକ ବିକାଶ ସୁନିଶ୍ଚିତ ହେବା ସହ ଶ୍ରୀ ଜଗନ୍ନାଥ ସଂସ୍କୃତିର ଗୌରବମୟ ଐତିହ୍ୟକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ ହୋଇପାରିବ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

# କଲେଜର ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ !

ଜଳେଶ୍ୱର, ୨୩।୯ (ନିପ୍ର)ସାରା ରାଜ୍ୟରେ ନାରୀ ସୁରକ୍ଷାକୁ ନେଇ ସରକାରଙ୍କଠୁ ଆ ।ରମ୍ଭ କରି ପ୍ରଶାସନର ମୁଣ୍ଡବଥା ପାଲଟିଥିବା ବେଳେ ରାଇବଣିଆ। ଥାନା ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ଗୁଆ ।ଗଡିଆ। ଗ୍ରାମର ଯୁବକ ବିନୋଦ କୁମାର ବାରିକ (୩୫) ଗତ ସେପ୍ଟେମ୍ବର ୧୧ ତାରିଖ ଦିନ ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ସୋନାକଣିଆ। ନଦୀଘାଟ ପାରି ହେଉଥିବା ଜଣେ କଲେଜ ଛାତ୍ରୀଙ୍କୁ ଅଟକାଇ ପ୍ରଥମେ ଶାରୀରିକ ସଂପର୍କ ରଖିବାକୁ ବାଧ୍ୟ କରିଥିଲେ। ଛାତ୍ରୀ ଜଣଙ୍କ ସେଠୁ ଖସିଯିବାର ଚେଷ୍ଟାକରିବାରୁ ଛାତ୍ରୀଙ୍କ ଡ୍ରେସକୁ ଧରି ଟାଣିବା ସହ ମୋବାଇଲରେ ସବୁ ଭିଡିଓ ଉତ୍ତୋଳନ କରିଥିଲେ। ବଳପ୍ରୟୋଗ କରି ଛାତ୍ରୀ ଜଣଙ୍କ ସେଠୁ ଛିଣ୍ଡା ଡ୍ରେସରେ ପଳାଇ ଆ ।ସିବାର ସକ୍ଷମ ହୋଇଥିଲେ। ପରେ ପରିବାର ଲୋକ ଓ ରାଇବଣିଆ। ଥାନାରେ ଜଣାଇଥିଲେ ରାଇବଣିଆ। ଥାନାର ଭାରପ୍ରାପ୍ତ ଅଧିକାରିଣୀ ଲୋପାମୁଦ୍ରା ପଣ୍ଡା ମଙ୍ଗଳବାର ଦିନ ଏହି ଅଭିଯୋଗ ଆ ।ଧାରରେ କେଶ ନଂ-୮୫୨୫ ମୂଳେ ରୁଜୁ କରି ଆ ।ସାମୀକୁ ଗିରଫ କରି କୋର୍ଟ ଚଲାଣ କରିଥିବାର ସୂଚନା ମିଳିଛି ।ରାଇବଣିଆ। ଅଞ୍ଚଳର ଛାତ୍ରୀଙ୍କ ପ୍ରତି ଏପରି ଅସଦାଚରଣ ଖବରକୁ ସାଧାରଣରେ ନିନ୍ଦା କରାଯାଇଛି ।

# ବିଶ୍ୱ ଫାର୍ମାସୀ ଦିବସ ପରିପ୍ରେକ୍ଷୀରେ ସମ୍ ହସ୍ପିଟାଲ-୨ କ୍ୟାମ୍ପସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୩।୯ (ନି.ପ୍ର.): ଆଗାମୀ ସେପ୍ଟେମ୍ବର ୨୫ ତାରିଖରେ ବିଶ୍ୱ ଫାର୍ମାସୀ ଦିବସ ପାଳନ କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ଫୁଲନଖରା ସ୍ଥିତ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ -୨ରେ ମଙ୍ଗଳବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ‘ବୃକ୍ଷ ବଂଚାଅ, ଜୀବନ ବଂଚାଅ’ ଏହି ପ୍ରସଙ୍ଗକୁ ଆଧାର କରି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ -୨ ର ଡିନ୍ ପ୍ରଫେସର ଅରକ୍ଷିତ ସ୍ୱାଇଁ, ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା, ଆଡିସ୍ନାଲ୍ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ତାପସୀ ପତି, ସୋଆ ଫାର୍ମାସୀର ମୁଖ୍ୟ ଡକ୍ଟର ଜସ୍ମିନ ପଣ୍ଡା ଏବଂ ନର୍ସିଂ ସୁପରିଟେଣ୍ଡେଣ୍ଟ ଶ୍ରମିତୀ କମଳିନୀ ମଲ୍ଲିକ୍ କ୍ୟାମ୍ପସ ପରିସରରେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

# ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ

ଅନୁଗୋଳ, ୨୩।୯ : ଅନୁଗୋଳ ଜିଲ୍ଲା ନଗର ମଣ୍ଡଳ ତରଫରୁ ସଭାପତି ପବନ ମାଣ୍ଡୋଠିଆ। ଙ୍କ ନେତୃତ୍ୱରେ ଅନୁଗୋଳ ବଜାର ଛକ ଠାରେ ଜିଏସଟି ଉତ୍ସବ ପାଳନ ଏବଂ ସାଧାରଣ ଲୋକଙ୍କୁ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଯଯାତି କେଶରୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ର ସଭାପତି ଦୀପକ ବର୍ମା , ସାଧାରଣ ସମ୍ପାଦକ ଅଶୋକ ମୋଦୀ ଓ ବିଜେପି ନେତା ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ବଜ୍ରପାତ ସତର୍କତା ସମ୍ବନ୍ଧୀୟ ସଚେତନତା ରଥ

ବଲାଙ୍ଗିର, ୨୩।୯ (ନି.ପ୍ର.): ରାଜ୍ୟ ସରକାର ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନଙ୍କ ତରଫରୁ ବଜ୍ରପାତ ସତର୍କତା ସମ୍ବନ୍ଧୀୟ ୩ଟି ସଚେତନତା ରଥକୁ ବଲାଙ୍ଗିର ଜିଲ୍ଲାପାଳ ଗୌରବ୍ ଶିବାଜି ଇସଲୱାର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ପବିତ୍ର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉକ୍ତ ରଥ ବଲାଙ୍ଗିର



ଜିଲ୍ଲାର ସମସ୍ତ ୧୪ ଗୋଟି ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ,୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦ, ୨ଟି ପୌରପରିଷଦ ଗସ୍ତ କରି ଜନସାଧାରଣଙ୍କୁ ବଜ୍ରପାତ ବା ବିଜୁଳି ମାରିବା ଯୋଗୁଁ ଅନେକ ଜୀବନ ହାନି ହେଉଛି ଏଥିରୁ ରକ୍ଷା ପାଇବା ନିମନ୍ତେ ବିଭିନ୍ନ ଉପାୟମାନ ଅବଲମ୍ବନ କରି ଜୀବନ ହାନିରୁ ରକ୍ଷା ପାଇ ପାରିବା ଏହା ହିଁ ସଚେତନତା ରଥର ମୁଖ୍ୟ ଉଦ୍ଦେଶ୍ୟ, ଏହା ସହ ସାପ କାମୁଡା (ସର୍ପାଘାତ) ହୋଇଥିଲେ କଣ କରିବା ଉଚିତ କଣ ନକରିବା ଉଚିତ ର ସଚେତନତା ବାର୍ତ୍ତା ମଧ୍ୟ ଏହି ରଥ ମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ରାମ ନାରାୟଣ ମିଶ୍ର, ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ, ମହେନ୍ଦ୍ର ସ୍ୱାଇଁ, ଜିଲ୍ଲା ସାଂସ୍କୃତିକ ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ଓ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

## ମତ୍ସ୍ୟଜୀବୀମାନଙ୍କ ପାଇଁ ଆଦାନୀ ଗୋପାଳପୁର ପୋର୍ଟ ପକ୍ଷରୁ ମୁହାଣ ଖନନ

ଛତ୍ରପୁର ୨୩।୯ (ନି.ପ୍ର.): ଗଞ୍ଜାମ ଜିଲ୍ଲା ପ୍ରତିନିଧି ) ଗଞ୍ଜାମ ଜିଲା ଆର୍ଯ୍ୟପଲ୍ଲୀ ମାଛଧରା ଜେଟି ମୁହାଣ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ଏହାର ଶୁଭାରମ୍ଭ କରିଥିଲେ। ଏହା ଫଳରେ ମତ୍ସ୍ୟଜୀବୀମାନଙ୍କ ବର୍ଷ ବର୍ଷ ଧରି ମୁହାଣ ପୋତି ହୋଇଯାଇଥିବାରୁ ଡଙ୍ଗା ସମୁଦ୍ରକୁ ମାଛ ମାରିବାକୁ ଯିବା ପାଇଁ ଅସୁବିଧା ହେଉଥିଲା। ଗଞ୍ଜାମ ଜିଲା ପ୍ରଶାସନ ଓ ଛତ୍ରପୁର ବିଧାୟକପଙ୍କ ହସ୍ତକ୍ଷେପ ପରେ ମତ୍ସ୍ୟଜୀବୀମାନଙ୍କ ଡଙ୍ଗାର ଯାତାୟାତ ପାଇଁ ଆଦାନୀ ଗୋପାଳପୁର ବନ୍ଦର ପକ୍ଷରୁ ଅତ୍ୟାଧୁନିକ ଡ୍ରେଜିଂ ମେଶିନ ସ୍ଥାପନ ସହ ମୁହାଣ ଖନନ କାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ କରିଛି। ଏହି ମେଶିନ ସାହାଯ୍ୟରେ ମୁହାଣକୁ ଗଭୀର ସହ ପ୍ରଶସ୍ତ କରାଯିବ। ୨ ମାସ ମଧ୍ୟରେ ଏହି କାର୍ଯ୍ୟ ସରିବ ବୋଲି କୁହାଯାଇଛି। ଏହି ଡ୍ରେଜିଂ ବାଲିକୁ ଆର୍ଯ୍ୟପଲି ମେରାଇନ ଥାନା ନିକଟ ସମୁଦ୍ର କୂଳ ଲଂଘିଥିବା ସ୍ଥାନରେ ବ୍ୟବହାର କରାଯିବ। ଫଳରେ ସମୁଦ୍ର କୂଳ ସୁରକ୍ଷିତ ରହିବ ଏହି ପଦକ୍ଷେପ ଫଳରେ ମତ୍ସ୍ୟଜୀବୀମାନଙ୍କ ସମୁଦ୍ର ପଥ ସୁଗମ ହେବା ସହ ତାଙ୍କର ଜୀବନଜୀବିକାକୁ ଏକ ନୂଆ ଶକ୍ତି ମିଳିବ। ଏହି ମୁହାଣ ବାଲି ଦ୍ୱାରା ପୋତି ହୋଇଯାଉଥିବାରୁ ୨୭ ଗାଁର ହଜାର ହଜାର ମତ୍ସ୍ୟଜୀବୀ ମାଛ ମାରିବାକୁ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ।

# ଦଶହରାରେ ଡିଏଲଆରମାନେ ପାଇବେ ବର୍ଦ୍ଧିତ ଟଙ୍କା

ପାରାଦୀପ, ୨୩।୯ (ନି.ପ୍ର.): ପାରାଦୀପ ବନ୍ଦରରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ୧୦୦୭ ଡିଏଲଆର (ଠିକା କର୍ମଚାରୀ ) ଙ୍କ ପ୍ରଡ଼କ୍ଟିଭିଟି ଲିଙ୍କଡ଼ ରିୱାର୍ଡ (ପିଏଲଆର) ୨କ୍ଟ୨୪-୨୫ ବର୍ଷ ନିମନ୍ତେ ୧୩ ହଜାର ୪୪କ୍ଟ ଟଙ୍କା ବୃଦ୍ଧି ଘଟିଛି କ୍ଷ ଗତ ଟ୍ରଷ୍ଟ ବୋର୍ଡ ମିଟିଂ ର ନିଷ୍ପତି ଅନୁଯାୟୀ ଏହି ଅର୍ଥରାଶି ଦଶହରାରେ ପ୍ରଦାନ କରାଯିବା ନେଇ ଚଳିତ ସେପ୍ଟେମ୍ବର ୧୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଏହି ନିଷ୍ପତି ପରେ ଡିଏଲଆର କର୍ମଚାରୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି ।



ଏହି ପରିପ୍ରେକ୍ଷୀରେ ଡିଏଲଆର ସଙ୍ଘ ସଭାପତି ତଥା ବେଶ ଜଣାଶୁଣା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଡିଏଲଆର କର୍ମକର୍ତ୍ତା ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଙ୍କୁ ମଙ୍ଗଳବାର ଦିନ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି କୃତଜ୍ଞତା ଜଣାଇବା ସହ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏଠାରେ ସୂଚନାଥାଉକି, ଡିଏଲଆର କର୍ମଚାରୀ ମାନେ ଦୀର୍ଘ ବର୍ଷ ହେବ ୬ ହଜାର ୯୯୭ ଟଙ୍କା ବୋନସ ପାଇଆସୁଥିଲେ। ୨କ୍ଟ୨୪ ମସିହା ଅକ୍ଟୋବର ମାସରେ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ୱାର୍କମେନ ଆସୋସିଏସନ ର ସଭାପତି ଥିବା ବାପି ସରଖେଲ ଙ୍କୁ ଓପାଡି ଫୋପାଡି ଦେଇ ପ୍ରକାଶ ତ୍ରିପାଠୀଙ୍କୁ ସଂଘର ସଭାପତି କଳାପରେ ପ୍ରକାଶ ଡିଏଲଆର ଙ୍କ ଭଗ୍ୟବିଧାତା ପାଲଟି ଯାଇଥିଲେ ଏବଂ ବୋନସ ବଚାଇବାକୁ ଚିଠି ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ବାବଦରେ ଗତ ଫେବୃଆରୀ ମାସରେ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ଆଗରେ ଡିଏଲଆର ମାନଙ୍କୁ ନେଇ ଏକ ଘଣ୍ଟିକିଆ ଭିକ୍ଷୋଭ ମଧ୍ୟ ପ୍ରଦର୍ଶନ କରିଥିଲେ । ଯାହାଦ୍ୱାରା ଗତ ଏପ୍ରିଲ ମାସରେ ପାରାଦୀପ ପୋର୍ଟ ବୋର୍ଡ ବୈଠକରେ ଡିଏଲଆର ଙ୍କ ପାଇଁ ବୋନସ ବୃଦ୍ଧି ହୋଇ ୧୩ ହଜାର ୪୪କ୍ଟ ଟଙ୍କା ହୋଇଥିଲା କିନ୍ତୁ ଏହା ୨୦୨୫ -୨୬ ବର୍ଷ ଠାରୁ ଲାଗୁ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା । ତେବେ ସଂଘର ସଭାପତି ପ୍ରକାଶ ତ୍ରିପାଠୀ ପାରାଦୀପ ବନ୍ଦର ଅଧ୍ୟକ୍ଷ ଙ୍କୁ ୨୦୨୪-୨୫ ବର୍ଷ ଠାରୁ ଏହି ବର୍ଦ୍ଧିତ ବୋନସ ଲାଗୁ କରିବାକୁ ଅନୁରୋଧ କରିଥିଲେ । ଅନୁରୋଧ ରକ୍ଷା କରି ବନ୍ଦର ଅଧ୍ୟକ୍ଷ ଗତ ୧୯ ତାରିଖରେ ଏହାକୁ ୨କ୍ଟ୨୪-୨୫ ବର୍ଷ ପାଇଁ ଲାଗୁ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସଭାପତି ପ୍ରକାଶ ଙ୍କ ଦେହ ଅସୁସ୍ଥ ଥିବାରୁ ଆଜି ଡିଏଲଆର ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, ଉପଦେଷ୍ଟା ସର୍ବ ?ଶ୍ୱର ବଳିୟାରସିଂହ, କାର୍ଯ୍ୟକାରୀ ସଭାପତି ସୁବ୍ରତ ପ୍ରଧାନ ଏବଂ ପ୍ରଶାନ୍ତ ମିଶ୍ର, ପରମେଶ୍ୱର ଆଚାର୍ଯ୍ୟ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଧ୍ରୁବ ଚରଣ ବେହେରା, ସୁରେନ୍ଦ୍ର ବେହେରା, ମନ୍ମଥ ବେଉରା ଓ ସଂଘର ଅନ୍ୟମାନେ ବନ୍ଦର ଅଧ୍ୟକ୍ଷ ଙ୍କ କାର୍ଯ୍ୟାଳୟରେ ଅଧ୍ୟକ୍ଷ ଙ୍କୁ ଭେଟି ତାଙ୍କୁ କୃତଜ୍ଞତା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ ।

# ବିଦ୍ୟୁତ ଚୋରି ବିରୋଧରେ ଟିପିଡବ୍ଲୁଓଡିଏଲ ପକ୍ଷରୁ ମେଗା ଏନଫୋର୍ସମେଣ୍ଟ ଅଭିଯାନ

ବୁର୍ଲା / ସମ୍ବଲପୁର / ବଲାଙ୍ଗୀର, ୨୫।୯ : ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବା ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ସଚ୍ଚୋଟ ତଥା ପ୍ରକୃତ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ସୁରକ୍ଷିତ ତଥା ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଲାଗି ବିଦ୍ୟୁତ ଚୋରି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଅଭିଯାନକୁ ଅଧିକ ତୀବ୍ରତର କରାଯାଇଅଛି ।

ଚଳିତ ମାସରେ କମ୍ପାନୀ ପକ୍ଷରୁ ୧୨ ମେଗାଟର ଅନଧିକୃତ ଲୋଡ୍ ସହିତ ୪,୬୪୭ଟି ବିଦ୍ୟୁ ଚୋରି ମାମଲାରେ ରେଡ଼ କରାଯାଇଅଛି। ଯେଉଁଥିରେ ଘଟଣା ସ୍ଥଳରେ ପ୍ରାୟ ୪୨.୨୭ ଲକ୍ଷ ଟଙ୍କା ଜରିମାନା ଆ ।ଦାୟ କରାଯାଇଅଛି। ଯାହାକୁ ମିଶାଇ ଚଳିତ ବର୍ଷ ଏହି ପରି ବିଦ୍ୟୁତ ଚୋରି ମାମଲାରେ ଏପର୍ଯ୍ୟନ୍ତ ମୋଟ ୧.୬୪ କୋଟି ଟଙ୍କା ଜରିମାନା ଆ ।ଦାୟ କରାଯାଇଅଛି ।

ତେବେ କମ୍ପାନୀ ପକ୍ଷରୁ ଏହି ପ୍ରଚଳିତ ଅଭିଯାନ କେବଳ ଯେ, ରାଜସ୍ ଆ ।ଦାୟକୁ ବୃଦ୍ଧି କରୁନାହିଁ ବରଂ ପଶ୍ଚିମ ଓଡ଼ିଶାର ସଚ୍ଚୋଟ ତଥା ପ୍ରକୃତ



ବିଦ୍ୟୁ ଉପଭୋକ୍ତାମାନେ ଯେପରି ବେଆ ।ଇନ ବିଦ୍ୟୁତ ବ୍ୟବହାର ଯୋଗୁଁ ଭାରଗ୍ରସ୍ତ ନ ହୁଅନ୍ତୁ, ତାହା ନିଶ୍ଚିତ କରାଯାଉଅଛି। ଅନୈତିକ ଉପାୟରେ ବ୍ୟବହାର କରାଯାଉଥିବା ବିଦ୍ୟୁ ଦେୟ ସଚ୍ଚୋଟ ଉପାୟରେ ବିଦ୍ୟୁ ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ଉପରେ ନସ୍ତ ହୋଇଥାଏ। ତେଣୁ ବିଦ୍ୟୁ ଚୋରି ରୋକିବା ପ୍ରତ୍ୟେକ ବିଦ୍ୟୁ ଉପଭୋକ୍ତାଙ୍କ ଦାୟତ୍ୱ ମଧ୍ୟ ।

ପ୍ରକାଶଥାଉ କି, କମ୍ପାନୀ ପକ୍ଷରୁ ବିଦ୍ୟୁ ଚୋରି ମାମଲାରେ ଜରିମାନ ଆ ।ଦାୟ ସହିତ ୫୫୨ଟି ନୂତନ ସଂଯୋଗ ପ୍ରକ୍ରିୟାକରଣ, ୭୯ଟି ସ୍ଥାନରେ ତୁରନ୍ତ ମିଟର ସ୍ଥାପନ, ୩୪୩ଟି ଅଭିଯୋଗର ସମାଧାନ ଏବଂ ଯୋଗାଣ ଗୁଣବତ୍ତା ଏବଂ ବିଲିଂ ସଠିକତା ଉନ୍ନତ କରିବା ପାଇଁ ୪୭୩ଟି ତ୍ରୁଟିପୂର୍ଣ୍ଣ ମିଟର ବଦଳାଯାଇ ଗ୍ରାହକମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରାଯାଉଛି ସେହିପରି କମ୍ପାନୀ ପକ୍ଷରୁ ମଧ୍ୟ ୨୧୩ଟି ଅବୈଧ ହୁକିଂକୁ ଡିହୁକିଂ କରାଯାଇଅଛି ।

ଉଲ୍ଲେଖଥାଉ କି, ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସମସ୍ତ ଗ୍ରାହକ ତଥା ଜନସାଧାରଣଙ୍କୁ ପୁଣିଥରେ ଅନୁରୋଧ କରାଯାଉଅଛି ଯେ, ବିଦ୍ୟୁ ଚୋରି କେବଳ ଯେ ଏକ ଅନୈତିକ କାର୍ଯ୍ୟ ନୁହେଁ ବରଂ ଏହା ଆ ।ଇନ ଅନୁଯାଇ ଏକ ଦଣ୍ଡନୀୟ ଅପରାଧ ଏହା ମଧ୍ୟ ଏକ ଅମାନବିକ କାର୍ଯ୍ୟ ଅଟେ ଯଦି ଜନସାଧାରଣ କୌଣସି ସ୍ଥାନ, ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ ଏହି ଅମାନବିକ କାର୍ଯ୍ୟ ପାଇଁ କମ୍ପାନୀକୁ ସୂଚନା ଦେବାକୁ ଚାହାଁନ୍ତି, ତେବେ ସେମାନେ ୮୦୯୩୦୬୧୧୭୯ ହେଲ୍ପଲାଇନ୍ ନମ୍ବରରେ ଯୋଗଯୋଗ କରିପାରିବେ ସେମାନଙ୍କ ପରିଚୟ ଗୁପ୍ତ ରଖାଯିବ ।

## ନାଲକୋ ପଲ୍ଲୀଶ୍ରୀ ମେଳାରେ ଆମ ଜଙ୍ଗଲ ଯୋଜନା ଟିମ୍

ଅନୁଗୁଳ : ନାଲକୋନଗର ରେ ଚାଲିଥିବା ଜାତୀୟ ପଲ୍ଲୀଶ୍ରୀ ମେଳାରେ ଅନୁଗୁଳ ବନଖଣ୍ଡ ର ଆମ ଜଙ୍ଗଲ ଯୋଜନା ଟିମ୍ ଭାଗ ନେଇ ଅନେକ ପ୍ରଶଂସା ସାଉଣ୍ଟିଛି । ଦଳର ସଦସ୍ୟ ମାନେ ସେମାନଙ୍କ ଷ୍ଟଲ୍ ରେ ନିଜ ହାତ ତିଆରି ଅନେକ ଦ୍ରବ୍ୟ ପ୍ରଦର୍ଶିତ କରିବା ସହ ବିକ୍ରୟ କରୁଛନ୍ତି। ଗ୍ରାମୀଣ ଅଞ୍ଚଳ ର ଖାଦ୍ୟ ଶସ୍ୟ, ମହୁ, ଝୁଣା ଠାରୁ ଆରମ୍ଭକରି ବିଭିନ୍ନ ପୋଷାକ ତିଆରି କରି ବିକ୍ରୟ କରୁଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନେ ତାଲିମ ନେଇ ଗ୍ରାମୀଣ ଭାରତ ରେ ଆଦୃତି ପାଉଥିବା ବିଭିନ୍ନ ଶୁଖିଲା ଖାଦ୍ୟ ବିଶେଷ କରି ମାଣ୍ଡିଆ ରୁ ପ୍ରସ୍ତୁତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ଏବଂ ଅନ୍ୟାନ୍ୟ ପଦାର୍ଥ ବିକ୍ରିଛନ୍ତି। ଏହାଦ୍ୱାରା ମହିଳା ମାନେ ଆତ୍ମନିର୍ଭରଶୀଳ ହେବା ସହ ପରିବାର ପ୍ରତିପୋଷଣରେ ସେମାନଙ୍କ ଗୁରୁ ଭୂମିକା ନିର୍ବାହ କରୁଛନ୍ତି । ପଲ୍ଲୀଶ୍ରୀ ମେଳାରେ ଶହ ଶହ ଗ୍ରାହକ ଅନୁଗୁଳ ବନ ଖଣ୍ଡ ଦ୍ୱାରା ପ୍ରୟୋଜିତ ତଥା ମହିଳା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଷ୍ଟଲ୍ ବୁଲି ଦେଖିବା ସହ ବିଭିନ୍ନ ଉତ୍ପାଦ କିଣୁଥିବା ଦେଖିବାକୁ ମିଳୁଛି।

# ଗୋଆରେ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଦଶମଜାତୀୟ ଆୟୁର୍ବେଦ ଦିବସ ପାଳନ

ନୂଆଦିଲ୍ଲୀ : ଆୟୁଷ ମନ୍ତ୍ରଣାଳୟ ଆଜି ଗୋଆର ଅଖିଳ ଭାରତୀୟ ଆୟୁର୍ବ ?ଦ ସଂସ୍ଥାନ (ଏଆଇଆଇଏ)ରେ ଦଶମ ଜାତୀୟ ଆୟୁର୍ବ ?ଦ ଦିବସ ପାଳନ କରିଛି। ଏହି କାର୍ଯ୍ୟକ୍ରମରେ ଗୋଆର ରାଜ୍ୟପାଳ ଶ୍ରୀ ଅଶୋକ ଗଜପତି ରାଜୁ, ଗୋଆର ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ, କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଶ୍ରୀ ପ୍ରତାପରାଓ ଜାଧବ ଏବଂ କେନ୍ଦ୍ର ଶକ୍ତି ଏବଂ ନୂତନ ଏବଂ ନବୀକରଣୀୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶ୍ରୀପଦ ଯେସୋ ନାୟକଙ୍କ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସ୍ଥାୟୀତ୍ୱ ଏବଂ ପ୍ରାକୃତିକ ଜୀବନଯାପନ ଉପରେ ଆଧାରିତ ସ୍ୱାସ୍ଥ୍ୟ ଏବଂ କଲ୍ୟାଣର ଏକ ସାମଗ୍ରିକ ବ୍ୟବସ୍ଥା ଭାବରେ ଆୟୁର୍ବ ?ଦକୁ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରଣାଳୟର ନିରନ୍ତର ପ୍ରୟାସରେ ଏହି ଉତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଥିଲା।

ଏହି ଅବସରରେ ଭାଷଣ ଦେଇ, ଗୋଆର ରାଜ୍ୟପାଳ ଶ୍ରୀ ଅଶୋକ ଗଜପତି ରାଜୁ ଆୟୁର୍ବ ?ଦର ବିଶ୍ୱ ଅଭିବୃଦ୍ଧି ଉଲ୍ଲେଖ କରି କହିଥିଲେ ଯେ, ଏକ ଦଶନ୍ଧିରୁ କମ୍ ସମୟ ମଧ୍ୟରେ ଆୟୁର୍ବ ?ଦ ଦିବସ ଏକ ଜାତୀୟ ପାଳନରୁ ଏକ ବିଶ୍ୱ ସ୍ୱାସ୍ଥ୍ୟ ଆନ୍ଦୋଳନରେ ପରିଣତ ହୋଇଛି। ୧୫୦ରୁ ଅଧିକ ଦେଶ ବର୍ତ୍ତମାନ ଏହି ଦିବସ ପାଳନ କରନ୍ତି ଏବଂ ଆୟୁର୍ବ ?ଦକୁ କେବଳ ଏକ ବିକଳ୍ପ ଔଷଧ ପ୍ରଣାଳୀ ଭାବରେ ନୁହେଁ ବରଂ ଏକ ବ୍ୟାପକ ସ୍ୱାସ୍ଥ୍ୟସେବା ପ୍ରଣାଳୀ ଭାବରେ ମଧ୍ୟ ସ୍ୱୀକୃତି ଦିଅନ୍ତି। ଶ୍ରୀ ରାଜୁ ଚଳିତ ବର୍ଷର ବିଷୟବସ୍ତୁ ‘ଲୋକ ଓ ଜଗତ ପାଇଁ ଆୟୁର୍ବ ?ଦ’କୁ ପ୍ରଶଂସା କରି ଏହାକୁ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ପାଇଁ ସମୟୋଚିତ ଏବଂ ପ୍ରାସଙ୍ଗିକ ବୋଲି କହିଥିଲେ। ସେ ଆୟୁର୍ବ ?ଦିକ ଜ୍ଞାନର ପ୍ରାମାଣିକତା ବଜାୟ ରଖିବା ଏବଂ ନମସ୍ତେ ପୋର୍ଟାଲ୍ ଏବଂ ଆୟୁଷ ଏଚ୍ଏମଆଇଏସ ଭଳି ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକୁ ବ୍ୟବହାର କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ପ୍ରବେଶ ଏବଂ ପ୍ରମାଣ-ଆଧାରିତ ଅଭ୍ୟାସକୁ ବୃଦ୍ଧି କରୁଛି ।ରାଜ୍ୟପାଳ ଆୟୁର୍ବ ?ଦ-ଆଧାରିତ ସ୍ୱାସ୍ଥ୍ୟ ପର୍ଯ୍ୟଟନ ପାଇଁ ଏକ ବିଶ୍ୱବ୍ୟାପୀ କେନ୍ଦ୍ର ଭାବରେ ଉଭା ହେବାର ଗୋଆର ସମ୍ଭାବନା ବିଷୟରେ ମଧ୍ୟ କହିଥିଲେ। ସେ ଟାଟା ମେମୋରିଆଲ୍ ସେଣ୍ଟର ସହିତ ଏକ ସହଯୋଗୀ ପଦକ୍ଷେପ, ଏଆଇଆଇଏ ଗୋଆରେ ଇଣ୍ଟିଗ୍ରେଟିଭ୍ ଅଙ୍କ ?ଲୋଜି ୟୁନିଟ୍ ପ୍ରତିଷ୍ଠାକୁ ପ୍ରଶଂସା କରିଥିଲେ। ଏହାର ଲକ୍ଷ୍ୟ ହେଉଛି, ସାମଗ୍ରିକ କର୍କଟ ଚିକିତ୍ସା ପାଇଁ ଆୟୁର୍ବ ?ଦକୁ ଆଧୁନିକ ଅଙ୍କଲୋଜି ସହିତ ସଂଯୁକ୍ତ କରିବା। ଶ୍ରୀ ରାଜୁ ପାରମ୍ପରିକ ଔଷଧକୁ ଗୋଆର ଜୈବ ବିବିଧତା ସହିତ ମିଶ୍ରଣ କରିବା ପାଇଁ ଏକ ସାମଗ୍ରିକ ଦୃଷ୍ଟିକୋଣ ପାଇଁ ଆହ୍ୱାନ କରି ଗୁରୁତ୍ୱାରୋପ କରିଥିଲେ ଯେ ସ୍ଥାନୀୟ ଔଷଧୀୟ ଉଦ୍ଭିଦର ସଂରକ୍ଷଣ ଏବଂ ପ୍ରୋତ୍ସାହନ ନିଯୁକ୍ତିକୁ ବୃଦ୍ଧି କରିପାରିବ ଏବଂ ଆଞ୍ଚଳିକ ଅର୍ଥନୀତିକୁ ମଜବୁତ କରିପାରିବ। ସେ ଆୟୁର୍ବ ?ଦିକ ଚିକିତ୍ସାର ବୈଜ୍ଞାନିକ ବୈଧତା ପାଇଁ ଆହ୍ୱାନ କରିଥିଲେ ଏବଂ ଗବେଷଣା ଏବଂ ପରମ୍ପରା ଉପରେ ଆଧାରିତ ନୈତିକ ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରିଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ